୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    ପର୍ଯ୍ୟବେକ୍ଷକ

Vol.26 . No.164 Bhubaneswar Sunday August 04 2024 | ୨୬ତମ ବର୍ଷ ସଂଖ୍ୟା–୧୬୪ ଭୁବନେଶ୍ୱର, ରବିବାର, ଅଗଷ୍ଟ ୦୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଏଏମ୍ ପ୍ରସାଦ ସିଆରପିଏଫ ସ୍ୱତନ୍ତ୍ର ଡିଜି, ଅରୁଣ ଷଡଙ୍ଗୀଙ୍କୁ ସ୍ଥାୟୀ ଡିଜି ପାଇଁ ପ୍ରକ୍ରିୟା ଆରମ୍ଭ




ଭୁବନେଶ୍ୱର,୩।୮(ପି.ଏନ):ରାଜ୍ୟ ଜେଲ୍ ବିଭାଗ ଡିଜି ୧୯୮୯ ବ୍ୟାଚ୍ ଆଇପିଏସ୍ ଅମ୍ରିତ ମୋହନ ପ୍ରସାଦଙ୍କୁ ସିଆରପିଏଫ ସ୍ୱ?ଶାଳ ଡିଜି ଭାବେ ନିଯୁକ୍ତି ମିଳିଛି। ଏପଟେ ରାଜ୍ୟ ସରକାର ୧୯୯୦ ବ୍ୟାଚ୍ ଆଇପିଏସ୍ ଅରୁଣ ଷଡଙ୍ଗୀଙ୍କୁ ସ୍ଥାୟୀ ପୁଲିସ ଡିଜି(ପୁଲିସ ଫୋର୍ସ ମୁଖ୍ୟ) କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶ୍ରୀ ଷଡଙ୍ଗୀ ଏବେ ଅତିରିକ୍ତ ଭାବେ ରାଜ୍ୟ ପୁଲିସ ଡିଜି ଦାୟିତ୍ୱ ତୁଲାଉଛନ୍ତି। କେନ୍ଦ୍ର ସରକାରଙ୍କ ରୋଷର ଶିକାର ହୋଇ ଓଡିଶା ଫେରୁଥିବା ୧୯୯୦ ବ୍ୟାଚ୍ ଆଇପିଏସ୍ ଯୋଗେଶ ବାହାଦୂର ଖୁରାନିଆ ରାଜ୍ୟର ପରବର୍ତ୍ତୀ ଡିଜି ହେବା ସମ୍ଭାବନା କ୍ଷୀଣ ବୋଲି ଜଣାପଡିଛି।ଗୃହ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ୧୯୮୯ ବ୍ୟାଚ୍ ଆଇପିଏସ୍ ଏଏମ୍ ପ୍ରସାଦଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ଯିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଶ୍ରୀ ପ୍ରସାଦଙ୍କୁ ସିଆରପିଏଫ ସ୍ୱ?ଶାଳ ଡିଜି ଭାବେ ନିଯୁକ୍ତି ମିଳିଛି। ଗତକାଲି କେନ୍ଦ୍ର ସରକାର ୧୯୯୦ ବ୍ୟାଚ୍ ଆଇପିଏସ୍ ଶ୍ରୀ ଖୁରାନିଆଙ୍କୁ ତାଙ୍କ କେନ୍ଦ୍ରୀୟ ଡେପୁଟେସନ ଅବଧି ଶେଷ ହେବା ପୂର୍ବରୁ ତତ୍କାଳ ପ୍ରଭାବରୁ ଆଗୁଆ ଫେରାଇ ଦେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜୁଲାଇ ୨୬ତାରିଖରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟିକୁ ସୁପାରିଶ କରିଥିଲେ। ଶ୍ରୀ ଖୁରାନିଆ ଓ ବିଏସଏଫରେ ଥିବା ତାଙ୍କ ବରିଷ୍ଠ ସହଯୋଗୀ ନୀତିନ ଅଗ୍ରୱାଲ (ବିଏସଏଫ ଡିଜି)ଙ୍କ ପ୍ରତି କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଭାବେ ବିବେଚନା କରାଯାଉଛି ତଥା ତାଙ୍କୁ ପନିସମେଂଟରେ ଓଡିଶା ଫେରାଇ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଶ୍ରୀ ଖୁରାନିଆ ବିଏସଏଫ ଡେପୁଟି ସ୍ୱ?ଶାଳ ଡିଜି ଭାବେ କାର୍ଯ୍ୟ କରୁଥିଲେ।ଅନ୍ୟପକ୍ଷରେ ତତକାଳୀନ ବିଜେଡି ସରକାର ୨୦୨୩ ଡିସେମ୍ବର ୩୧ତାରିଖରେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅରୁଣ ଷଡଙ୍ଗୀଙ୍କୁ ରାଜ୍ୟ ପୁଲିସ ଡିଜି ଭାବେ ଅସ୍ଥାୟୀ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଗତ ଜୁନ୍ ମାସରେ ରାଜ୍ୟରେ ମୋହନ ସରକାର କ୍ଷମତାକୁ ଆସିବା ପରେ ସେବେଠୁ ରାଜ୍ୟରେ ଅସ୍ଥାୟୀ ଡିଜି ଭାବେ ଶ୍ରୀ ଷଡଙ୍ଗୀ କାର୍ଯ୍ୟ କରୁଛନ୍ତି। ଦୀର୍ଘ ୭ମାସ ଧରି ଅସ୍ଥାୟୀ ଡିଜି ଦାୟିତ୍ୱରେ ଥିବା ଶ୍ରୀ ଷଡଙ୍ଗୀଙ୍କୁ ରାଜ୍ୟର ସ୍ଥାୟୀ ଡିଜି କରିବା ପାଇଁ ଇତିମଧ୍ୟରେ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାୟୀ ପୁଲିସ ଡିଜି ପଦବୀ ନିମନ୍ତେ ଡିଜି ପାହ୍ୟାର ଯୋଗ୍ୟ ଅଫିସରଙ୍କ ତାଲିକା ୟୁପିଏସସି କର୍ତ୍ତୃପକ୍ଷଙ୍କୁ ପଠାଇବାକୁ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଗୃହ ବିଭାଗକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଅନୁମତି ଦେଇଥିବା ଜଣାପଡିଛି।

## କୁବେର ଇଞ୍ଜିନିୟର ପ୍ରଭାସ ପ୍ରଧାନ ଗିରଫ: ଚଢ଼ଉ ପରେ ବାନ୍ଧିନେଲା ଭିଜିଲାନ୍ସ



କେନ୍ଦୁଝର,୩।୮(ପି.ଏନ) : ଗିରଫ ହେଲେ କୁବେର ଯନ୍ତ୍ରୀ। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଗିରଫ ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ୟାରେଜ ପ୍ରୋଜେକ୍ଟର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ। ତାଙ୍କ ଘରେ ଚଢ଼ାଉ ବେଳେ ଅମାପ ସଂପତ୍ତି ଠାବ ହୋଇଥିଲା। ଚଢ଼ଉ ପରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ। କୁବେର ଯନ୍ତ୍ରୀ ପ୍ରଭାସ ପ୍ରଧାନଙ୍କର ୮୫ଟି ପ୍ଲଟ ଅଛି।ଜଳେଶ୍ୱରରେ ରହିଛି ୮୦ ପ୍ଲଟ। ପୁରୀ ଜିଲ୍ଲା ଡେଲାଙ୍ଗରେ ୪ଟି ଓ ପଶ୍ଚିମବଙ୍ଗର ସୁନାକଣିଆରେ ରହିଛି ଗୋଟିଏ ପ୍ଲଟ। ଜଳେଶ୍ୱରରେ ରହିଛି ୫ ମହଲା ବିଶିଷ୍ଟ କୋଠା। ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୬୦ ଲକ୍ଷ ହେବ। ୧୨ହଜାର ୫୦୦ ବର୍ଗଫୁଟ ଜମିରେ ରହିଛି ଏହି କୋଠା। ଗୋବରାଘାଟରେ ମାର୍କେଟ କମ୍ପ୍ଲେକ୍ସ, ୨ ଏକର ବିଶିଷ୍ଟ ବିରାଟ ଫାର୍ମ ହାଉସ ଠାବ ହୋଇଥିଲା।ଏହା ସହ ନଗଦ ୧୧ ଲକ୍ଷ ୭୦ହଜାର ୯୮୦ ଟଙ୍କା, ୭୮ ଲକ୍ଷ ଟଙ୍କାର ଜମା ରାଶି ଓ ୩୩୫ ଗ୍ରାମର ସୁନା ଜବତ ହୋଇଥିଲା। ୩ଟି କାର୍, ୩ଟି ମୋଟର ସାଇକେଲ ଓ ଦୁଇଟି ସ୍କୁଟି ଜବତ ହୋଇଥିଲା। ପୁଅ, ସ୍ତ୍ରୀଙ୍କ ନାଁରେ ବି ରହିଛି କୋଟିକୋଟି ଟଙ୍କାର ସମ୍ପତ୍ତି। ପୁଅ ନାଁରେ ପଶ୍ଚିମବଙ୍ଗ ସୀମାରେ ୬ ଏକର ଏବଂ ସ୍ତ୍ରୀଙ୍କ ନାମରେ ୧୨ ଏକର ଜମି ରହିଛି। ଭଉଣୀଙ୍କ ନାଁରେ ଭୁବନେଶ୍ୱର ପଳାଶୁଣୀ ଠାରେ ରହିଛି ଟୁ ବିଏଚ୍‌କେ ଆପାର୍ଟମେଣ୍ଟ।

## ଓଡ଼ିଶାର ଏହି ଜିଲ୍ଲାରେ ଆଉ ଗଡ଼ିବନି ଲକ୍ଷ୍ମୀ ଏସି ବସ୍, ବନ୍ଦ ହେଲା ୬ଟି ରୁଟରେ ବସ୍ ଚଳାଚଳ

ଭୁବନେଶ୍ୱର,୩।୮(ପି.ଏନ): ମାଲକାନଗିରିରେ ଆଉ ଗଡିବନି ଲକ୍ଷ୍ମୀ ଏସି ବସ୍। ଜିଲ୍ଲାର ୬ଟି ରୁଟରେ ବସ୍ ଚଳାଚଳ ବନ୍ଦ କରାଯିବା ନେଇ ସୂଚନା ରହିଛି। ଆରଟିଓ ବସ ଚଳାଚଳ ପରମିଟକୁ ବାତିଲ କରିଛନ୍ତି। ତେବେ ସମସ୍ତ ବସ ଅପରେଟର ଏହି ନୂଆ ନିୟମକୁ ମାନିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅନୁସାରେ, ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଚାଲୁଥିବା ଏହି ସମସ୍ତ ବସ୍ ସେବା ବନ୍ଦ କରାଯିବ।ସୂଚନା ଅନୁସାରେ, ରାଜ୍ୟରେ ୫୭ଟି ଲକ୍ଷ୍ମୀ ଏସି ବସ୍ ଚଳାଚଳ କରୁଥିଲା, ବର୍ତ୍ତମାନ ଏହା ମଧ୍ୟରୁ ୨୮ଟି ବସ୍ ଚଳାଚଳ ବନ୍ଦ କରାଯିବ। ପୂର୍ବ ସରକାର ମାଲକାନଗିରି ଜିଲ୍ଲାରୁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ। ନୂଆ ସରକାର ଆସିବା ପରେ ଲକ୍ଷ୍ମୀ ବସ୍ ଚଳାଚଳକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏବେ ମାଲକାନଗିରି ଜିଲ୍ଲାରେ ଲକ୍ଷ୍ମୀ ଏସି ବସ୍ ଚଳାଚଳ ବନ୍ଦ କରାଯିବା ନେଇ OSRTC ଘୋଷଣା କରିଛି।OSRTC ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ, ମାଲକାନଗିରି କାଲିମେଳା, ପଡିଆ, କୋରୁକୋଣ୍ଡ, ଚିତ୍ରକୋଣ୍ଡା, ଖଇରପୁଟ ଏବଂ ମାଥିଲି ରୁଟରେ ଚାଲୁଥିବା ସମସ୍ତ ଏସି ବସ ବନ୍ଦ କରାଯିବ। ତେବେ ଅଗଷ୍ଟ ପହିଲାରୁ ଲକ୍ଷ୍ମୀ ବସ ଚଳାଚଳ ଉପରେ ରୋକ୍ ଲଗାଇଛି ଓସଆରଟିସି।

## ଯାଞ୍ଚ ବେଳେ ଖୁଲାସା: ବିଦ୍ୟାଳୟକୁ ମିଳୁଥିବା ଚାଉଳ ବସ୍ତାର ଓଜନ ରହୁନାହିଁ ୫୦ କିଲୋ

ବେତନଟୀ ସଦର, ୩।୮(ପି.ଏନ): ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଆସିଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ସନ୍ଧ୍ୟାରେ ଆକସ୍ମିକ ଭାବେ ଆସି ବେତନଟୀ ବ୍ଲକ ଅଧୀନ ଜାତୀୟ ରାଜପଥ ପାର୍ଶ୍ୱ ଖଇରିବଣୀ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ଗଚ୍ଛିତ ଥିବା ଚାଉଳ ବସ୍ତା ସବୁର ଓଜନ ଯାଞ୍ଚ କରିଥିଲେ।ସୂଚନା ଅନୁଯାଇ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଚାଉଳ ଦୁର୍ନୀତି ମାମଲା ସମ୍ବନ୍ଧରେ 'ସମ୍ବାଦ'ରେ ଖବର ପ୍ରକାଶ ପରେ ବଡ଼ସାହି ବିଧାୟକ ଉକ୍ତ ଦୁର୍ନୀତି ସମ୍ବନ୍ଧରେ ଅବଗତ ହୋଇ ପ୍ରତକ୍ଷ ଭାବେ ଜଡିତ ହୋଇ ଉକ୍ତ ଦୁର୍ନୀତିର ଖୋଳତାଡ ଆରମ୍ଭ କରିଥିଲେ। ପରେ ସମ୍ପୃକ୍ତ ବିଭାଗରେ ଖୋଳତାଡ଼ କରି ଜାଣିବାକୁ ପାଇଥିଲେ କି ମୟୂରଭଞ୍ଜ ଜିଲ୍ଲାରେ କେବଳ ମଧ୍ୟାହ୍ନରେ ୧୭୦କୋଟିର ଚାଉଳ ମହାଦୁର୍ନୀତି ହୋଇଛି।ଏହି ଘଟଣା ସମ୍ପର୍କରେ ସେ ବିଧାନସଭାରେ ମଧ୍ୟ ଆଲୋଚନା ପୂର୍ବକ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ଜଣାଇ ଥିଲେ। ଶ୍ରୀ ପାତ୍ର ଶୁକ୍ରବାର ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ ଗୋଦାମ, ଚାଉଳ ମିଲ ଯାଞ୍ଚ ପୂର୍ବକ ଆଜି ବାରିପଦାରେ ଏକ ସମୀକ୍ଷା ବୈଠକ କରିଥିଲେ। ସେ ଶନିବାର ସନ୍ଧ୍ୟାରେ ଆକସ୍ମିକ ଆସି ବୈଶିଙ୍ଗା ଉପକଣ୍ଠ ଖଇରିବଣୀ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ପୂର୍ବରୁ ସ୍କୁଲ ଗୋଦାମ ଗୃହରେ ଗଚ୍ଛିତ ଥିବା ଚାଉଳ ବସ୍ତା ସବୁର ଓଜନ ଯାଞ୍ଚ କରିଥିଲେ। ହେଲେ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ, ଆଜିବି କୌଣସି ବସ୍ତାର ଓଜନ ୫୦ କେଜି ନଥିଲା।

## କେନ୍ଦୁଝର ଜିଲ୍ଲାରେ ହେବ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ, ଟାସ୍କଫୋର୍ସ ଗଢ଼ିବେ ସରକାର



ଭୁବନେଶ୍ୱର,୩।୮(ପି.ଏନ):ଆସନ୍ତା ୫ବର୍ଷ ମଧ୍ୟରେ ରାଜ୍ୟରେ ସାଢ଼େ ୩ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ଏହାସହିତ ଖଣିଜସମୃଦ୍ଧ କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଂଟ ନିର୍ମାଣ ପାଇଁ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ରାଜ୍ୟର ଶିଳ୍ପ କ୍ଷେତ୍ରର ଅଗ୍ରଗତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ରଗୁଡିକ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ରଗୁଡିକରେ ଅଧିକ ନିଯୁକ୍ତି ସୁଯୋଗ ରହିଥିବାରୁ ଏସବୁ କ୍ଷେତ୍ରରେ ଓଡିଆ ଉଦ୍‌ଯୋଗୀମାନଙ୍କୁ ଶିଳ୍ପ ସ୍ଥାପନ ନିମନ୍ତେ ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦୁଝର ପରି ଖଣିଜସମୃଦ୍ଧ ଜିଲ୍ଲାରେ ଜମି, ଜଳ,ବିଦ୍ୟୁତ ଓ ଯୋଗାଯୋଗ ଆଦିର ଆନୁସଙ୍ଗିକ ସୁବିଧା ଥାଇ ମଧ୍ୟ ଏପର୍ଯ୍ୟନ୍ତ ମେଗା ଷ୍ଟିଲ ପ୍ଲାଂଟ ନିର୍ମାଣ ହୋଇପାରିନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରି କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ବିଭିନ୍ନ ଆଗ୍ରହୀ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି।

## ରାଜ୍ୟରେ ସବୁ ବୁଲା କୁକୁରଙ୍କୁ କରାଯିବ ଟିକାକରଣ : ୨୦୩୦ ସୁଦ୍ଧା ହେବ ଜଳାତଙ୍କ ମୁକ୍ତ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା



ଭୁବନେଶ୍ୱର,୩।୮(ପି.ଏନ): ରାଜ୍ୟରେ ସମସ୍ତ ବୁଲା କୁକୁରଙ୍କୁ ଟିକାକରଣ କରାଯିବ। ଏନେଇ ସବୁଠି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ହେବ। ୨୦୩୦ ମସିହା ସୁଦ୍ଧା ଓଡିଶାକୁ ସମ୍ପୂର୍ଣ୍ଣ ଜଳାତଙ୍କ ମୁକ୍ତ କରାଯିବ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସରକାରଙ୍କ ଏହି ମିଶନକୁ ନରଗ ଉନ୍ନୟନ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ କାର୍ଯ୍ୟ କରାଯିବ। ବୁଲା କୁକୁରଙ୍କୁ ଟିକାକରଣ କରିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

## ନଷ୍ଟ ହେଲାଣି ମହାପ୍ରଭୁଙ୍କ ୧୦ ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳ!



ଭୁବନେଶ୍ୱର,୩।୮(ପି.ଏନ):୬ ମାସ ତଳେ ପ୍ରତି ଗାଁରୁ ସଂଗୃହୀତ ହୋଇଥିବା ହଜାର ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳର ସ୍ଥିତି କ'ଣ ଅଛି ଜଗନ୍ନାଥଙ୍କୁ ସେଥିରେ ଭୋଗ ଲାଗୁଛି ତ ଏବେ ପୁଣି ଥରେ ଉଠିଲାଣି ଏମିତି ପ୍ରଶ୍ନ। କାରଣ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଫା ସଫା ଶୁଣାଇଛି, ପୋକ ଖିଆ ଚାଉଳରେ ଠାକୁରଙ୍କୁ ଭୋଗ ଲାଗିବନି। ଆଉ ତଥ୍ୟ ନେବାରେ ଜଣାପଡିଛି ପ୍ରାୟ ୧୦ ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳର ଅବସ୍ଥା ଏମିତି। ଯାହାକୁ ନେଇ ଭକ୍ତ ଓ ସେବକଙ୍କ ଅସନ୍ତୋଷ ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବ ପାଇଁ ସେତେବେଳର ବିଜେଡି ସରକାର, ସେଇ ମାସ ୬ରୁ ୧୬ ତାରିଖ ଯାଏଁ ସାରା ରାଜ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଜଗନ୍ନାଥ ପରିକ୍ରମା ରଥ ବୁଲାଇ ଲୋକଙ୍କଠୁ ସଂଗ୍ରହ କରିଥିଲେ ଅର୍ପଣ ଚାଉଳ। ପ୍ରତିଶ୍ରୁତି ଦେଇଥିଲେ ସେଥିରେ ଠାକୁରଙ୍କୁ ଭୋଗ ଲାଗିବ। ପ୍ରାୟ ୧୪ ହଜାର କ୍ୱିଣ୍ଟାଲ୍ ଚାଉଳ ରାଜ୍ୟର କୋଣ ଅନୁକୋଣରୁ ପୁରୀ ଆସିଥିଲା। ହେଲେ ଅରୁଆ-ଉଷୁନା ସହ ବାରମିଶା ଚାଉଳ ଥିବାରୁ ତାକୁ ନେଇ ଆପତ୍ତି ଉଠିଥିଲା। କିନ୍ତୁ ପରେ ସେଥିରୁ ପ୍ରାୟ ୪ ହଜାର କ୍ୱିଣ୍ଟାଲ୍ ଭଲ ଚାଉଳ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର-ମହାସୁଆର ନିଯୋଗକୁ ଦିଆଯାଇଥିଲା। ଯେଉଁଥିରେ ଖେଚୁଡ଼ି ଭୋଗ କରାଯାଇ ଭକ୍ତଙ୍କୁ ବଣ୍ଟାଯାଉଥିଲା। ଏବେ ମଧ୍ୟ ନିଯୋଗ ପାଖରେ ଆହୁରି ହଜାରେ କ୍ୱିଣ୍ଟାଲ ଚାଉଳ ଗଚ୍ଛିତ ଅଛି। ବାକି ୧୦ ହଜାର କ୍ୱିଣ୍ଟାଲ ଚାଉଳ ଗୁଣ୍ଡିଚା ଘର, ଅକ୍ଷୟ ପାତ୍ର ଫାଉଣ୍ଡେସନ ଓ ଯୋଗାଣ ବିଭାଗ ଗୋଦାମରେ ପଡିପଡି ନଷ୍ଟ ହେବାକୁ ବସିଲାଣି। ଚାଉଳରେ ପୋକ ସାଲୁବାଲୁ ହେଲେଣି।

## କାହିଁକି ଫେଲ୍ ମାରିଲା ଆଳୁ ମିଶନ୍; କ'ଣ କରୁଛନ୍ତି ବିଶେଷଜ୍ଞ





ଭୁବନେଶ୍ୱର,୩।୮(ପି.ଏନ): ପଶ୍ଚିମବଙ୍ଗ ସରକାରଙ୍କୁ ପାନେ ଦେବା ପାଇଁ ୨୦୧୫ ମସିହାରେ ଓଡିଶା ସରକାର ଗଢ଼ିଥିଲେ 'ଆଳୁ ମିଶନ୍'। ଓଡିଶାରେ ଆଳୁ ଉତ୍ପାଦନ ବୃଦ୍ଧି ଓ ପଶ୍ଚିମବଙ୍ଗ ଉପରେ ନିର୍ଭତା କମ୍ କରିବା ପାଇଁ ବିଜେଡି ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଥିଲେ। ଏଥିପାଇଁ ୧୩୦ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ସେହି ଅର୍ଥରେ କୃଷି ମନ୍ତ୍ରୀ ଓ କିଛି ଅଧିକାରୀ ଦକ୍ଷିଣ ଆମେରିକାରର 'ପେରୁ'ରେ ଥିବା ୱାର୍ଲଡ୍ ପଟାଟୋ ସେଣ୍ଟର ବୁଲି ଆସିଥିଲେ। ତଥାପି ଓଡିଶାରେ ଫେଲ୍ ମାରିଲା ଆଳୁ ମିଶନ୍। ତେବେ ଏଠି ପ୍ରଶ୍ନ ଉଠୁଛି ଏତେ ଯୋଜନା ସତ୍ତ୍ୱେ କ'ଣ ପାଇଁ ଫେଲ୍ ମାରିଲା ଆଳୁ ମିଶନ୍ କ'ଣ କରୁଛନ୍ତି ବିଶେଷଜ୍ଞ କୃଷୀ ବିଶେଷଜ୍ଞ ଜଗଦୀଶ ପ୍ରଧାନଙ୍କ କହିବା ଅନୁସାରେ ଆଳୁ ଓଡିଶା କିମ୍ବା ଭାରତର ପାରମ୍ପରିକ ଚାଷ ନୁହେଁ। ୩୦୦ରୁ ସାଢ଼େ ୩୦୦ ବର୍ଷ ତଳେ ଭାରତରେ ଆରମ୍ଭ ହୋଇଥିଲା ଆଳୁ ଚାଷ। ତେଣୁ ସେହି ଦୃଷ୍ଟିରେ ଦେଖିଲେ ଆଳୁ ଓଡିଶାର ପ୍ରଧାନ ଫସଲ ନୁହେଁ। ତେବେ ଏଠି ପ୍ରଶ୍ନ ଉଠୁଛି ଆଳୁ ଚାଷରେ ଓଡିଶା ଅପେକ୍ଷା ପଶ୍ଚିମବଙ୍ଗ କେମିତି ସଫଳ ହେଲା ୧୯୪୮ ମସିହା ମଧ୍ୟ ଭାଗରେ ପଶ୍ଚିମବଙ୍ଗରେ ଦାମୋଦର ଭେଲ୍ଲୀ ଡ୍ୟାମ୍ କର୍ପୋରେସନ୍ କାମ ଆରମ୍ଭ ହୋଇଥିଲା। ୫ରୁ ୬ ବର୍ଷ ଭିତରେ ଡ୍ୟାମ୍ ନିର୍ମାଣ କାମ ସରିଥିଲା। ତା'ପରେ ଜଳସେଚନ ପାଇଁ ଦାମୋଦର ଭେଲ୍ଲୀ ଡ୍ୟାମ୍ ତଳେ ଆଉ ୪ଟି ଡ୍ୟାମ୍ ନିର୍ମାଣ କରାଯାଇଥିଲା ବୋଲି ଶ୍ରୀ ପ୍ରଧାନ କହିଥିଲେ।

## ରାତିରେ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩।୮(ପି.ଏନ): ଶୁକ୍ରବାର ବିଳମ୍ବିତ ରାତିରେ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରୋଗୀଙ୍କ କିପରି ଯତ୍ନ ନିଆଯାଉଛି ସେ ବିଷୟରେ ପଚାରି ବୁଝିଥିଲେ। ରୋଗୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ରହିବା, ଖାଇବା ଓ ବସ୍ପସ୍ପରଭଯବଭସ୍ପ ମାନଙ୍କ ପାଇଁ ଥିବା ସୁବିଧା ସଂପର୍କରେ ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ। ଏହା ସହିତ ହସ୍ପିଟାଲର ପରିମଳ ବ୍ୟବସ୍ଥା ସଂପର୍କରେ ମଧ୍ୟ ବୁଝିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ କ୍ୟାପିଟାଲ ହସ୍ପିଟାଲର ଆଧୁନିକୀକରଣ ବିଷୟରେ କହିଥିଲେ, 'ରୋଗୀମାନଙ୍କ ପାଇଁ ଅଧିକ ସୁବିଧାର ବ୍ୟବସ୍ଥା କରାଯିବ। ହସ୍ପିଟାଲରେ ରୋଗୀ ସେବାରେ ଆହୁରି ଅଧିକ ଉନ୍ନତି ଆଣିବା ତଥା ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ରୋଗୀ ମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ସେଠାରେ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ହସ୍ପିଟାଲର ଅସ୍ଥାୟୀ କର୍ମଚାରୀମାନଙ୍କ ସହିତ ମଧ୍ୟ ଆଲୋଚନା କରି ସେମାନଙ୍କ ପ୍ରାପ୍ୟ ମଜୁରୀ ସମ୍ପର୍କରେ ବୁଝିଥିଲେ। ନୂଆ ବର୍ଦ୍ଧିତ ମଜୁରୀ ମିଳିବା ପରେ ସେମାନଙ୍କ ପ୍ରାପ୍ୟ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରୋଗୀ ସେବା ପରି ଏକ ମହାନ୍ କାର୍ଯ୍ୟରେ ନିଷ୍ଠାର ସହିତ ଦାୟିତ୍ୱ ତୁଲାଉ ଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ।

## କେଦାରନାଥରେ ଫସିଛନ୍ତି ୪ ଓଡିଆ



ଭୁବନେଶ୍ୱର,୩।୮(ପି.ଏନ): ଦେବଭୂମୀ କେଦାରନାଥରେ ଫସିଛନ୍ତି ୪ ଓଡିଆ। ଲଗାଣ ବର୍ଷା ଯୋଗୁ ସେମାନେ ଘରକୁ ଫେରିପାରୁନାହାନ୍ତି। ଏ ସମ୍ପର୍କରେ ସୂଚନା ପାଇବା ପରେ ପରିବାର ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଛି।ଗତ ୩୧ ତାରିଖରେ ଏହି ୪ ବନ୍ଧୁ କେଦାରନାଥ ଯାଇଥିଲେ। ସେମାନଙ୍କ ଘର କେନ୍ଦୁଝର ଜିଲ୍ଲାରେ। ବାବା କେଦାରନାଥଙ୍କ ପୀଠକୁ ଯାଇଥିବା ୪ ବନ୍ଧୁ ହେଲେ କେନ୍ଦୁଝର କେମସଡା ଗାଁର ରଷିବର ମହାନ୍ତ ଓ ତେଲକୋଇ ବ୍ଲକର ଜଗମୋହନ ପୁରର ସଦାନନ୍ଦ ସାହୁ, ସରୁଆଳିର କାର୍ତ୍ତିକ ଖିଲାର, ଚନ୍ଦ୍ରଶେଖରପୁରର ମହେଶ୍ୱର ପ୍ରଧାନ।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ମୋକ୍ଷ



ସୁଦର୍ଶନ ମହାପାତ୍ର

ମୁଁ ଯେଉଁ ଆମ୍ବ ଗଛ ଦୁଇଟି କଥା ଏବେ କହିବାକୁ ଚାହୁଁଛି ସେମାନଙ୍କ ମଧ୍ୟରୁ ଗୋଟିଏ ଥିଲା ଆମ ଘରକାନ୍ଥର ପାଖାପାଖି। ପ୍ରକୃତରେ ଆମେ କେହି ସେଇ ଗଛଟିକୁ ଲଗେଇ ନଥିଲୁ। ଆମ ଭିତରୁ କେହି ଆମ ପୋଖରୀ ପାଖ ସେଇ ପୁରୁଣା ଗଛର ଆମ୍ବ ଖାଇ ଫୋପାଡି ଦେଇଥିବା ଟାକୁଆରୁ ବୋଧହୁଏ ମୁଣ୍ଡ ଟେକିଥିଲା। ସେଇ ଜାଗାରେ ବୋଉ ବାସନ ମାଜୁଥିଲା। ମାଟି,ପାଣି, ଆଲୁଅ କୁ ଆଧାର କରି ସେ କଅଁଳ ଛନଛନ ହୋଇ ଦି ପତର ମେଲିଥିଲା। ଈଷତ୍ ନାଲି ସବୁଜିଆ ପତ୍ର ତା'ର ଧିରେ ଗାଢ଼ ସବୁଜ ରଙ୍ଗ ଧରିଥିଲେ।ନହନହକା ଶରୀର ତା'ର କ୍ରମେ ଆଙ୍ଗୁଳିଏ ମୋଟ ହୋଇଥିଲା। ଏସବୁ ମୋ ଦେଖାନ୍ତରେ।

ମୋତେ ସେତେବେଳକୁ ତେର ଚଉଦ ବର୍ଷ ହେବ।ବାପା ଯେତେ କହିଲେ ଘରକୁ ଲାଗି ରହିଥିବା ସେଇ ଆମ୍ବଗଛଟିକୁ କାଟି ଦେବାକୁ, ମୁଁ ବାପାଙ୍କୁ ବିରୋଧ କରିଥିଲି ପାରୁ ପର୍ଯ୍ୟନ୍ତ। ।ମୋତେ ଅବଶ୍ୟ ସହାୟତା କରିଥିଲା ବୋଉ। ଅତଏବ ମୋ ଜିଦ୍ ରହିଥିଲା ଆଉ ମୁଁ ନିଜକୁ ଗୌରବାନ୍ୱିତ ମନେ କରିଥିଲି ଏଥିପାଇଁ।

ବାପା ଯେତେବେଳେ ମାଟିଘର ଭାଙ୍ଗି ସେଇ ପଟକୁ କୋଠାଘର କାମ ଆରମ୍ଭ କଲେ, ସେଇ ଆମ୍ବଗଛଟିକୁ ସେଠୁ ଉଠେଇବାକୁ କାହାରି ମଗଜରେ ବି ଆଉ ପଶି ନଥିଲା।ଘର ତିଆରି ସରିଲା ବେଳକୁ, କାନ୍ଥ ଠାରୁ ଚାରି ହାତ ଦୂରରେ ଥିବା ସେଇ ଗଛଟି ନିଜର କାୟା ସାମାନ୍ୟ ବଢେଇ ସାରିଥିଲା। କ୍ରମେ ମୂଳ ଗଛରୁ କେତୋଟି ଶାଖା ମେଲିଲା ଏବଂ ନିଜର ବପୁ ବିଶାଳ କରିବାରେ ଲାଗିଲା ଗଛଟି ଏବଂ ତା'ର ଉଦ୍ଦାମତା ପାଇଁ ସେଇ ପଟ କାନ୍ଥରେ ଗୋଟିଏ ଫାଟ ଦୃଶ୍ୟ ହେଲା।

ବାପା ଅଶାନ୍ତି ହେଲେ ଏବଂ ଗଛଟିକୁ କାଟି ଦେବାକୁ ଜୋର ଦେଲେ। ସେତେବେଳକୁ ମୁଁ କଲେଜ ମାଟି ମାଡି ସାରିଥିଲି।ବୋଉ ଠାରୁ ଖବର ପାଇ କଟକରୁ ସିଧା ଯାଇ ଘରେ। ବିନା ଦେଖାରେ ଫାଟଟିର କାରଣ ମିସ୍ତ୍ରୀଙ୍କର ଅପାରଗତା ବୋଲି ଦର୍ଶାଇ ବାପାଙ୍କୁ ବୁଝାଇବାକୁ ଚେଷ୍ଟା କଲି। ହେଲେ ମୋତେ ଭୁଲ୍ ପ୍ରମାଣ କରିବାକୁ ଗଛଟି ଯେମିତି ବଦ୍ଧପରିକର ଥିଲା।କାନ୍ଥଟିର ଆଁ ଭିତରେ ଆମ୍ବ ଗଛର ଚେର ଆସ୍ଥାନ ଜମେଇ ଥିବାର ସ୍ପଷ୍ଟ ଦୃଶ୍ୟ ହେଉଥିଲା।

ସେଇ କାନ୍ଥଟି ଆମ ରୋଷେଇ ଘରର ଅଂଶବିଶେଷ ଥିଲା। ତାପର ଥରକୁ ମୁଁ କଲେଜରୁ ଘରକୁ ଫେରିଲା ବେଳକୁ ଆମ୍ବଗଛଟି ସହ ସେଇପଟ କାନ୍ଥଟି ମାଟି ଚାଟୁଥିଲେ। ଚୁପ୍ ରହିବା ଛଡା ମୋର ଆଉ କିଛି ଉପାୟ ନଥିଲା। ହେଲେ ମୋର ଉଦାସ ଚେହେରା ବାପା ବୋଉଙ୍କୁ ନିଶ୍ଚୟ ଆଘାତ ଦେଇଥିଲା।

କଟକରୁ ଆସି ଖାଦ୍ୟ ଆହରଣକୁ ଉପେକ୍ଷା କରିଥିଲି ସିନା ରାତିରେ ବୋଉର ଅନୁନୟରେ ଖାଇ ବସିଲି। ଏତିକି ବେଳକୁ ବାପା ଆସିଲେ।

-' ଦୀପୁ,ତୁ ପାଠଶାଠ ପଢ଼ିବା ପିଲା ହୋଇ ଏମିତି ଅବୁଝା ହେବା ଠିକ୍ ନୁହେଁ।

-' ମୁଁ ଜାଣେ ତୁମେ ଆମ ପୋଖରୀ ପାଖ ଆମ୍ବ ଗଛଟାକୁ ବି କାଟିଦେବ। କହୁଥିଲ ନା ପୋଖରୀ ପାଣିରେ ଆମ୍ବପତ୍ର ପଡି ପଚୁଛି ବୋଲି। ତାକୁ ବି କାଟି ଦିଅ। ମୁଁ ଆଉ କିଛି କହିବି ନାହିଁ।'

ବାପା ବୋଉ ମୋତେ ତଟସ୍ଥ ହୋଇ ଚାହିଁଥିଲେ। ମୋ ଅଭିମାନ ବାପା ବୁଝିଥିଲେ ଏବଂ ସତକୁ ସତ ସେଇ ଗଛଟିକୁ ବିକିବା ପାଇଁ ନେଇଥିବା ଅଗ୍ରୀମ ଟଙ୍କା କୁ ସ ମିଲ୍ ମାଲିକକୁ ସେଇଦିନ ହିଁ ଫେରେଇ ଦେଇଥିଲେ।

ପରଦିନ ସକାଳୁ ସକାଳୁ ଗୋଟିଏ ଭଲ ଖବର ପାଇଲି ବୋଉ ଠାରୁ।ଆମ ଗାଁ ରେ ଆଗକୁ ଅନୁଷ୍ଠିତ ହେବାକୁ ଯାଉଥିବା ଭାଗବତ ପାଠ ଏବଂ ହରିହାଟ ପାଇଁ ବାପା ସେଇ ଭୂପତିତ ଆମ୍ବଗଛଟିକୁ ଗାଁ ଲୋକଙ୍କୁ ଦାନ କରିଦେଇଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ପ୍ରସ୍ତୁତି ସକାଶେ ଜାଳେଣି ହିସାବରେ ଆମ୍ବଗଛଟିର ସଦୁପଯୋଗ ହେବ ବୋଲି ଜାଣି ମୁଁ ଖୁବ୍ ଖୁସି ମନରେ ସେଦିନ ଘରୁ ବାହାରି ଆସିଥିଲି।

ଏଥର ସେଇ ପୋଖରୀ ପାଖ ଆମ୍ବଗଛଟିର କଥା କହିବି।

କେତେ ଝଡ ବାତ୍ୟା ତୋଫାନ ସହି ପୋଖରୀ ପାଖ ଆମ୍ବ ଗଛଟି ପୁଣି ମଥା ଟେକି ଠିଆ ହୋଇଛି ମୁଁ ଜାଣେ। ମୋ ସହ ମୋର ପିଲାଦିନର ସାଙ୍ଗଙ୍କ ଫୋପଡ ଟେକାପଥରର ଆଘାତ ସହି ସୁମିଷ୍ଟ ଫଳ ପରଷି ଦେବାରେ କେବେ କାର୍ପଣ୍ୟ କରିନାହିଁ ବିଚରା !

ପ୍ରତି ବର୍ଷ ଠିକ୍ ସମୟରେ ଗଛରେ ବଉଳ ଆସେ।ବସନ୍ତ ଆସି ମଳୟ ପବନରେ ତା'ର ବାସ ଚହଟାଏ। ହଳଦୀବସନ୍ତ ତା'ର ସୁନ୍ଦର ଠାଣିକୁ ଆମ୍ବଡ଼ାଳ ପତ୍ର ଉହାଡରୁ ପ୍ରଦର୍ଶିତ କରିବାକୁ ଉତ୍କଣ୍ଠିତ ହୁଏ ।କାଉ ସେଠି ବସାକରେ।କୋଇଲି କୁହୁ କହେ। ବୋଉ ବଉଳ ଅମାବାସ୍ୟାରେ ସେଇ ଗଛଟିକୁ ପୂଜା କରେ, ସିନ୍ଦୂର ଚନ୍ଦନ ଲଗାଏ,ଗଇଣ୍ଠା ପୂଜା କରେ, ସମସ୍ତଙ୍କର ଶୁଭ ମନାସେ।

ଉଦୁଉଦିଆ ଖରାବେଳେ ଆମ୍ବଗଛ ମୂଳେ କି ତୃପ୍ତି ! ପିଲାଦିନେ ଖରାଦିନ ଛୁଟିରେ ସାଙ୍ଗମାନଙ୍କ ସହ ମୋର ଆସର ଜମେ। ସମସ୍ତେ ମୁଁ ଲେଖିଥିବା ଗୀତର ପ୍ରଶଂସା କରନ୍ତି। କହନ୍ତି -' ଏ ଜାଗାରେ ଦୀପକ କ'ଣ ଯେ କେହି ବି ବସିଲେ ଗପ ଗୀତ ଲେଖି ପାରିବ।' ମୁଁ ଆମୋଦିତ ହୁଏ।

ମେଳା ମଉଛବ ଓଷା ବ୍ରତ ପଡିଲେ ସେଇ ସାଙ୍ଗମାନେ ଦଉଡ଼ି ଆସନ୍ତି ଅଗି ଆମ୍ବଡ଼ାଳ ପାଇଁ। ନିଜ ଇଚ୍ଛା ବିରୁଦ୍ଧରେ ଯାଇ ସେମାନଙ୍କ ଇଚ୍ଛା ପୂରଣ କରିବାକୁ ହୁଏ ମୋତେ। - 'ଠାକୁରଙ୍କ କାମରେ ତ ଲାଗୁଛି ନିଅନ୍ତୁ' କହି ବୋଉ ମୋତେ ବୁଝାଏ। ମୁଁ ଦୁଃଖରେ ମର୍ମାହତ ହୁଏ।

ମୋର ମନେ ଅଛି ଯେବେ ସେଇ ଗଛଟିର ପ୍ରଥମ ଆମ୍ବ କାଟି ବୋଉ ଠାକୁରଙ୍କୁ ନୈବେଦ୍ୟ ବାଢିଥିଲା ସେଦିନର ଖୁସି ମୋତେ ପ୍ରଗଳ୍ଭ ପ୍ରାୟ କରି ଦେଇଥିଲା। ଆମ ଆମ୍ବଗଛର ଫଳର ସ୍ୱାଦ ରସଗୋଲା ଠାରୁ ଆହୁରି ମିଠା ବୋଲି ମୁଁ ସଗର୍ବରେ ଘୋଷଣା କରିଥିଲି। ହେଲେ ମୋର ସେଇ ଘୋଷଣା ଗାଁ ପିଲାମାନଙ୍କୁ ଯେ ପ୍ରଲୁବ୍ଧିତ କରିବ ଏବଂ ସେମାନେ ଆମ ଗଛ ଆମ୍ବ ଚୋରି କରିବାକୁ ବାରମ୍ବାର ଚେଷ୍ଟା କରିବେ ମୋ ଭାବନାର ବାହାରେ ଥିଲା।

ଅଦିନିଆ ଝଡ଼ି ବର୍ଷା କେବେ ହେବ ତ ସେସବୁକୁ ଖାତିରି ନ କରି ବୋଉର ବାରଣ ସତ୍ତ୍ୱ ? କଞ୍ଚାଆମ୍ବ ଗୋଟେଇବାକୁ ତତ୍ପର ହୋଇପଡେ ମୁଁ। ଅଗତ୍ୟା ବୋଉ ବାଧ ହୋଇ ମୋ ସହିତ ଯୋଗ ଦିଏ। ବୋଉ ସେଥିରେ ଭଳିକି ଭଳି ଆଚାର କରେ। ମିଠା ଆଚାର, ସୋରିଷ ଆଚାର ଆହୁରି କେତେ କ'ଣ । କିଛି ନହେଲେ ଲୁଣ ମଡେଇ ବୋଉ ଖରାରେ ଶୁଖେଇ ପ୍ରସ୍ତୁତ କରେ ଆମ୍ବୁଲ। ବୋଉ ହାତର ଆମ୍ବ ଚଟଣି ସତେ ଅପୂର୍ବ... !

ହେଲେ ନିୟତିର ଇଚ୍ଛା ଥିଲା ଭିନ୍ନ। ହଠାତ୍ ଆମ୍ବଗଛଟିର ପତ୍ର ସବୁ ଝଡ଼ିବାକୁ ଲାଗିଲେ। ଧିରେ ଧିରେ ଧୂସର ବର୍ଣ୍ଣ ଧାରଣ କଲେ ବାକି ସବୁ ପତ୍ର।ତା ରୂପ ଦେଖି ବୋଉ ପ୍ରମାଦ ଗଣିଲା। ବୋଉ ଠାରୁ ଖବର ପାଇ ମୁଁ ଘରକୁ ଗଲି। ଯେତେ ଦୂର ସମ୍ଭବ ଗଛଟିକୁ ସମ୍ଭାବ୍ୟ ବିପଦରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେଇ କର୍ମକ୍ଷେତ୍ର କୁ ଫେରିଲି।

ଏ ଘଟଣାର ଏକ ମାସ ଭିତରେ ବୋଉର ଦେହ ଖରାପ ବୋଲି ବାପାଙ୍କ ଠାରୁ ଖବର ପାଇଲି। ବାପା ଫୋନ୍ କରି ଶୀଘ୍ର ଯିବାକୁ ଡକାଇଛନ୍ତି ମାନେ କିଛି ଗୁରୁତର ଆଶଙ୍କା କରି ଘରେ ପହଞ୍ଚିଲି। ବୋଉ ଇତି ମଧ୍ୟରେ ଖୁବ୍ ଦୁର୍ବଳ ହୋଇ ଯାଇଥିଲା। ବୋଉ ଦେହରେ ପ୍ରାୟ ଜ୍ୱର ରହୁଛି, ହାଡ଼ ଗଣ୍ଠି ସବୁ ବିନ୍ଧୁଛି, ନାକରୁ ସମୟ ସମୟରେ ରକ୍ତ ପଡୁଛି, ଟିକିଏ କଥାରେ ଚିଡି ଯାଉଛି ଆଦି ଲକ୍ଷଣ ବାପାଙ୍କ ଠାରୁ ଶୁଣି ମୁଁ ପ୍ରମାଦ ଗଣିଲି ଏବଂ ତୁରନ୍ତ ଡାକ୍ତର ପରାମର୍ଶ କଲି।

ସବୁ ପରୀକ୍ଷା ନିରୀକ୍ଷା ପରେ ଯେଉଁ କଥାକୁ ଡର ଥିଲା ସେଇଟା ହିଁ ସତ୍ୟ ଥିଲା। ବୋଉ ରକ୍ତକର୍କଟ ରୋଗରେ ପୀଡିତା ହୋଇଥିଲା। ପାଦ ତଳୁ ଆମର ମାଟି ଖସିଗଲା ଯେମିତି। ବାକି ସବୁ ଚିକିତ୍ସା ପଦ୍ଧତି କେବଳ ଔପଚାରିକରେ ନିବଦ୍ଧ ଥିଲା।କିଛି ଦିନ ପରେ ବୋଉ ଚାଲିଗଲା।

ବୋଉ ପରି ମୋର ପ୍ରିୟତମ ଆମ୍ବଗଛଟି କିଛି ଦିନ ଆଗରୁ ଭୋଗି ସାରିଥିଲା ସମଦଶା।

ବୋଉ ମଥାରେ ବାପା ଲେପିଦେଲେ ବୋଉର ଚିର ଇପ୍ସିତ ଲାଲ ରଂଗ। ମୋ ଦେଖା ସବୁଜ ପୃଥିବୀର ହୋଇ ସାରିଥିଲା ସ୍ୱପ୍ନଭଙ୍ଗ। ଆଶାର ଅଣିଶଟି ମୋର ଅପରିଷ୍କାର ହୋଇଗଲା।

ବୋଉ ମଡ଼ା ହୋଇ ପଡିଥିଲା। ସମସ୍ତେ ମୋ ମୁହଁକୁ ବଲବଲ ହୋଇ ଚାହିଁ ମୋର ସହମତି ଲୋଡୁଥିବା ବେଳେ ବାରିପଟରେ ଇତିମଧ୍ୟରେ ଗଦା ହୋଇଥିବା ଅବକ୍ଷିପ୍ତ ଆମ୍ବ ଗଡ ମୋ ଆଡକୁ ଚାହିଁ ସମବେଦନା ଜଣାଉଥିଲା।

ମୁଁ ଆଉଁସି ଦେଲି ଯାଇ ତା' ଆବରଣକୁ।

କାଠଗଦା ତଳୁ କେହି ଯେମିତି ମୋତେ କହୁଥିଲା ' ମୁଁ ଅଛି ପା..., ଚିନ୍ତା କ'ଣ ତୋର ?'

ବୋଉର ଜୁଇରେ ଜଳିଲା ସେ। ତିକ୍ତ ରନ୍ଧା ହେଲା ସେଇଥିରେ। ଭୋଜିଭାତ ପାଇଁ ଖନ୍ଦାଶାଳକୁ ଆଉ ଦରକାର ହେଲାନି ବାହାର କାଠ।

ଛଅ ମାସ ଅନ୍ତରରେ ମୋ ଜୀବନରେ ଘଟିଗଲା ଆଉ ଗୋଟିଏ ବିପର୍ଯ୍ୟୟ। ହୃଦଘାତରେ ବାପା ଚାଲିଗଲେ। ହଠାତ୍ ଯେମିତି ମୋ ଭାଗର ଆକାଶ ଟିକକ ବିବର୍ଣ୍ଣ ହୋଇଗଲା।

ବାପାଙ୍କ ପାଇଁ ପୁଣି ଦରକାର ହେଲା କାଠ। ମୋତେ ଚାହିଁ ଏଥର ହସୁଥିଲା ବେଲାଲସେନର କଟାମୁଣ୍ଡ। ସେ ସବୁ ଦେଖୁଛି । ଦେଖୁଛି ଧନ,ଧାନ୍ୟ,ମାନ, ଅଭିମାନ, ସ୍ନେହ, ଅନୁରାଗ ର ଆମ ସଂସାର। ଦେଖୁଛି ବି ସୁନୀଳ ଆକାଶରେ ଘୁରି ବୁଲୁଥିବା ପକ୍ଷୀମାନଙ୍କର ତା ଦେହରେ ସମାଗମ। ଶୁଣିଛି ସେମାନଙ୍କର କିଚିରି ମିଚିରି ବେହାଗ।

ଯେଉଁଦିନ ଆମ୍ବଗଛଟିର ପ୍ରତିଟି ଅଂଶ ମାଲିକର ଶୁଦ୍ଧି କ୍ରିୟା ପାଇଁ ଜଳି ସାରିଥିଲା, ସେଇଦିନ ସେଇଠି ସେ ମୋକ୍ଷ ପାଇଗଲା ବୋଲି ମୋର ମନେହେଲା। ମୁଁ ଏକ ବିବର୍ଣ୍ଣ ସଂସାରରେ ଆକ୍ତାମାକ୍ତା ହୋଇ ପଡୁଥିଲି... !

ଯା ଭିତରେ ଆଉ କିଛି ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲା।

ଘର ଠାରୁ ଯଥେଷ୍ଟ ଦୂରରେ ଥିବା ଆମ ପୈତୃକ ସଂପତ୍ତି ସେଇ ବାଡିରେ ଯେଉଁଠି ଆମ ପୂର୍ବପୁରୁଷଙ୍କ ଭଳି ବାପା ବୋଉଙ୍କ ଚିତା ଜଳିଥିଲା, ସେଇ ଜାଗାରେ ଗୋଟିଏ ନୂଆ ଆମ୍ବଗଛ ଟିଏ ପତ୍ର ମେଲିଛି ବୋଲି ମୋ ପୁଅ ଆଜି ଆବିଷ୍କାର କରି ମୋତେ ଚମକୃତ କରିଦେଲା... !!!

କୁଞ୍ଜବିହାରୀ ଲେନ, କଟକ

## ଆସ ସ୍ମୃତିଟେ ହୋଇ

ଆଦ୍ୟାଶା ମହାପାତ୍ର



ତୁମେ ଗୋ ଆସି ଛୁଅଁ ଏ ମାଟି
ସାତ ସମୁଦ୍ର ଡେଇଁ
ହୃଦୟେ ମୋର ହୁଏ ଆତୁର
ତୁମ ସାନ୍ନିଧ୍ୟ ପାଇଁ ॥
ମନେ ଆସିଲେ ତୁମରି କଥା
ଅତୀତ ଉଠେ ଚେଇଁ
ସପନ ଦେଶେ ଆସ ହରଷେ
ଅସରା ସୁଖ ନେଇ ॥
ପଦପାତ ଗୋ ଉଲ୍ଲାସ ମନେ
ମୃଦୁ ସମୀର ସାଥେ
ମଳୟ ଛୁଆଁ ଦେଇ ଜଗାଅ
ପ୍ରୀତି ପୁଲକେ ମୋତେ ॥
ଆଙ୍କିଛି କେତେ ତୁମରି ଛବି
ଆଶାର ରଙ୍ଗ ନେଇ
ସାଇତିଛି ମୁଁ କେତେ ଆଦରେ
ସ୍ନେହ ପରଶ ଦେଇ ॥
ତୁମେ ନଥିଲେ ମନ ଆକାଶେ
ଅନ୍ଧାର ଯାଏ ଘୋଟି
ତୁମେ ଆସିଲେ ଅମାରାତିରେ
ଫୁଟିବ ଖୁସି ଜ୍ୟୋତି ॥
ବିଜନ ପଥେ ଅବା ଏକାନ୍ତେ
ଆସ ସ୍ମୃତିଟେ ହୋଇ
ପ୍ରତି ମୁହୂର୍ତ୍ତେ ତୁମରି ପଥ
ରହିଛି ପରା ଚାହିଁ ॥

ନୂଆପଡା, କଟକ

## ବର୍ଷାର ଖବର

ନିରଞ୍ଜନ ସାହୁ



ବର୍ଷାରେ ବି ବର୍ଷା ରହିଲା ଦୂରେଇ
ବିରହର ନିଆଁ ଜାଳିଲା
ବର୍ଷା ବିନା ମୋର ହୃଦ କ୍ଷେତ ଶୁଷ୍କ
ବର୍ଷା ଶ୍ରାବଣରେ ଢାଳିଲା ।
ବର୍ଷା ପ୍ରଭାବରେ ପ୍ରକୃତି ହସିଲା
ଚାତକର ଦୁଃଖ ସରିଲା
ମୋର ବର୍ଷା ମୋତେ ଦୂରେଇ ରଖିକି
ବିରହ ବେଦନା ଭରିଲା
ବର୍ଷା ବିନା ମୁହିଁ କିପରି ବଞ୍ଚିଛି
ସେ କଥାକି ବର୍ଷା ଭାଳିଲା ?
ବରଷାକୁ ନେଇ କବି କାଳିଦାସ
' ମେଘଦୂତ ' କାବ୍ୟ ଲେଖିଲେ
ହେ ବରଷା ମୋର ଦୁଃଖ ଜଣାଇବ
ମୋ ବର୍ଷାକୁ ଟିକେ ଦେଖିଲେ
ବର୍ଷାଋତୁ ବର୍ଷା ଧର୍ମ ଆଚରିଲା
ମୋ ବର୍ଷା କି ଧର୍ମ ପାଳିଲା ?
କେଉଁ ଦେଶେ ଥିଲା ଏ ବରଷା ଋତୁ
ଯଥା ସମୟରେ ଆସିଲା
ମୋ ବରଷା କିମ୍ବା ମୋ ପାଶେ ନ ଆସି
ବିଚ୍ଛେଦ ଦୁଃଖ ନ ନାଶିଲା
ମୋ ବରଷା ମୋତେ ଭାରି କଷ୍ଟ ଦେଲା
ବର୍ଷା ସୃଷ୍ଟି କଷ୍ଟ ଟାଳିଲା ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬

## ସାଥୀ

ଡକ୍ଟର ମନୋରଞ୍ଜନ ବିଷୋୟୀ



ସୁଖ ଆଉ ଦୁଃଖ
ଦୁହେଁ ଖୁବ୍ ପାଖାପାଖି
କିନ୍ତୁ ରହିଥାନ୍ତି ଏକାକୀ।
ଜଣେ ଆସିଲେ
ଆର ଜଣକ
ନେଇଯାଏ ଛୁଟି।
ଆମେ ସଭିଏଁ
ନିଜ ନିଜର ସ୍ୱପ୍ନକୁ ନେଇ
ସମୟକୁ ନେଇ
ସୁଖ କିମ୍ବା ଦୁଃଖ ସହ
କିଛିକାଳ ହେଇଥାଉ ସାଥୀ।
କାରଣ ଜୀବନ ହିଁ ଏମିତି
ସୁଖ ହେଉ ଅବା ଦୁଃଖ
କେହି ହେଲେ ଚିରଦିନ
ହୁଏ ନାହିଁ ସାଥୀ।
ହେଲେ ସୁଖ ଆଉ ଦୁଃଖ ସହ
ବିତିଥିବା ମୁହୂର୍ତ୍ତ ସବୁ
ଅଭୁଲା କାହାଣୀ ପରି
ହୃଦୟରେ ରହିଥାଏ
ହୋଇ ସାଇତି।

ଦାମୋଦରପୁର, ଗଂଜାମ
ଫୋନ୍: ୮୮୯୫୧୪୧୭୨୭

## ଭାଗ୍ୟ

ରତ୍ନକାନ୍ତି ମିଶ୍ର



ଦିନେ ଭାବିଥିଲି ଆହୁରି ଉଡିବି
ପବନର ଅନୁକୂଳରେ
ମନ ଭରିଲା ଯାଏଁ
କେହି ଜଣେ ମୋତେ
ଖସେଇ ଦେଲା ତଳକୁ
ସେତିକିବେଳକୁ
ଚିତ୍କାର ଶୁଭିଲା
ସୂତା ମୋର,ମାଞ୍ଜା ମୋର
ନଟେଇ ବି ମୋର...
ସ୍ୱାଧୀନତା..ତୋର ଗୋଟେ କ'ଣ ?
ଆଉ ଦିନେ ଇଚ୍ଛା ନଥିଲା ମୋର
ଉଡ଼ିବାକୁ ପବନର ପ୍ରତିକୂଳରେ
ସେଇ ମୋତେ ଉଠେଇନେଲା
ବାଁ... ଡାହାଣ..
ଉପର...ତଳ...
ଚିଲ୍ଲେଇଲା ' ଉଡ ବେ ବଜ୍ଜାତ ଉଡ..'
ଇଚ୍ଛା.. ଅନିଚ୍ଛା.. ତୋର ଗୋଟେ କ'ଣ ?
ତୁମ ଇଚ୍ଛାର
ତୁମ ଅନିଚ୍ଛାର
ଗୁଡ଼ିଟିଏ ମୁଁ...
ମୋ ଜାଗା ସେଇ ସିଡି ତଳ
ଯିଏ ଚିର ଅବହେଳିତ
ନା, ବାଛିପାରେ ତା' ମାର୍ଗ....
ନା, ବଦଳେ ତା' ଭାଗ୍ୟ....!!!!

ଆଳି, କେନ୍ଦ୍ରାପଡା

## ଆଜିର ଗାଁ ଯୁବକ

ରମେଶ ଚନ୍ଦ୍ର ନାୟକ



ବିଗିଡି ଗଲାଣି ଗାଆଁ ପରିବେଶ
ଆଉ ଲାଗୁ ନାହିଁ ଭଲ
ଆଜିକା ଗାଆଁର ଶିକ୍ଷିତ ଯୁବାଙ୍କୁ
ନିଶା କରେ କଲବଲ ।?

ଭାଇଚାରା ଏବେ ଗଲାଣି ଦୂରେଇ
ରାଜନୀତି ଦାଦାଗିରି
ଦେଖିଲେ ଗାଆଁର ଏବେକା ଅବସ୍ଥା
ଘୂରେ ମଥା ଘିରି ଘିରି ।

ଗାଁ'ଛକ ଦୋକାନେ
ମିଳୁଛି ବୋତଲ
ଯିବାକୁ ପଡୁନି ଦୂର
ବାପ ପୁଅ ଭାଇ ଏକାଠି ପିଅନ୍ତି
କାହାକୁ ନ ଥାଏ ଡର ।

ଗାନ୍ଧୀଙ୍କ ସପନ ହୋଇଛି ପୁରଣ
ଭାଷଣ ଛାଡନ୍ତି ନେତା
ରାମ ରାଇଜର ଶାସନ ଦେଖାନ୍ତି
ହାତେ ଧରି ଦଣ୍ଡ ଗଦା ।

ଏନ୍ତୁଡି ଶାଳରୁ ଶ୍ମଶାନ ପର୍ଯ୍ୟନ୍ତ
ଯୋଜନା ମାଳକୁ ମାଳ
ସେଥିପାଇଁ ବୋଧେ ଗାଆଁର ଯୁବକ
ନ ଖଟି କାଟନ୍ତି କାଳ ।

ଛୋଟ ଗାଆଁ ଏବେ ଲାଗୁଛି ସହର
ଏକା ଏଠି ଦିନ ରାତି
ରାସ୍ତା ଘାଟେ ବୁଲେ ଯୁବ ଭୂତ ପ୍ରେତ
ଭୟରେ ଥରଇ ଛାତି ।
ପାଠ ଶାଠ ପଢି ନ ପାଇ ଚାକିରି
ବନିଯାନ୍ତି କୁଜି ନେତା
ପର ଧନ ପାଇ ମଦ ମାଂସ ଖାଇ
ଭୁଲିଯାନ୍ତି ନିଜ କଥା ।

ଗାଆଁର ଯୁବକ ହେଲେଣି ଉଦ୍ଧତ
ପିନ୍ଧିଥାନ୍ତି ଭଦ୍ର ମୁଖା
ଗୁରୁ ଗୁରୁଜନ ନାହିଁ ସନମାନ
କରିଥାନ୍ତି ଅଣଦେଖା ।

ଦରଭା , ମଙ୍ଗଳପୁର , ଯାଜପୁର
ମୋ :- ୭୯୭୮୧୫୧୭୧୦

## ପ୍ରକୃତି ଶିକ୍ଷାର ପ୍ରକୃଷ୍ଟ ଶିକ୍ଷକ

ଭାସ୍କର ରାଉତ



ସ୍ୱୟଂ ଅନ୍ତର୍ଯ୍ୟାମୀ ଅବଧୂତ ସ୍ୱାମୀ
ବୁଲି ପ୍ରକୃତି କୋଳରେ,
କୀଟୁ ବ୍ରହ୍ମ ଯାଏଁ ଶିଖାନ୍ତି ସଭିଏଁ
ବରିଲେ ଗୁରୁ ରୂପରେ॥୦॥
ଗୁରୁ ବିଂଶ ଚାରି ଜୀବନରେ ବରି
ବର୍ଣ୍ଣନା କଲେ ସଂସାରେ,
ଏ ସୃଷ୍ଟିର ତତ୍ତ୍ୱ ଅଟେ ପଞ୍ଚଭୂତ
ଗଢ଼ା ହୋଇଛି ତହିଁରେ।
କ୍ଷିତି ଆପ ତେଜ ବ୍ୟୋମରୁ ମରୁତ
ଏହାଙ୍କର ସମାହାରେ॥
ସହନ ଶକତି ପରିପୂର୍ଣ୍ଣ କ୍ଷିତି
ଜୀବ ସଂଞ୍ଚାର ଜଳରେ,
ଭଲମନ୍ଦ କିଛି ନଥାଏ ସେ ବାଛି
ତପନ ତେଜ ଦେବାରେ।
ସକଳ ଶବ୍ଦକୁ କୋଳେ ନେଇ ତାକୁ
ବ୍ୟୋମଅଙ୍ଗେ ଲୀନକରେ॥
ନାହିଁ ଭଲ ମନ୍ଦ ସୁଗନ୍ଧ ଦୁର୍ଗନ୍ଧ
ମରୁତ ଗ୍ରହଣ କରେ,
କୀଟ ମହୁମାଛି ଶିକ୍ଷା ଦେଉଅଛି
ସଞ୍ଚିବା ପଣ ଯତ୍ନରେ।
ଦାରୁ ବ୍ରହ୍ମ ହୋଇ ଶିଖାଏ ସେ ରହି
ଦାନଦିଅ ନିର୍ବିକାରେ॥
ମୂଳ ଛାଲ ଡାଳ ପତ୍ର ଫୁଲ ଫଳ
ସହ ଛାୟା ଦାନକରେ,
ଜଳ ସଂରକ୍ଷଣ ମେଘ ସୃଷ୍ଟି ପୁଣ
ବରଷା ଆଣେ ଧରାରେ।
ସକଳ ଜୀବନ ନିର୍ବାହରେ ଜାଣ
ନିଜେ ମରେ ଅକାତରେ॥

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ

## ବେଶ୍ୟା କି ମୁଁ, ପତି କେହି ନୁହେଁ ମୋର ?

ଡୁଇଟ୍ ଡେଭିଡ ଫିଲିପ୍



ଆଉ ଏକ ଗର୍ଭ ବେଦନାକୁ ମୋର ପ୍ରଣାମ,
ଆଉ ଏକ ରକ୍ତାକ୍ତ ଶିଶୁକୁ ଦେଖିବ ନୟନ,
ଆଉ ଏକ କରାଳ ସ୍ୱର ଶୁଣିବ ମୋ କାନ,
ଖୁଆଇବି ବକ୍ଷରେ ଲଗାଇ ମୋଦେହ କ୍ଷୀର।
ହେବ କଣ ବଡ ହୋଇ ସେ ମାଁ ଜନନୀର !
ହେବ କଣ ବୃଦ୍ଧି ପାଇ ନିଜ ପରିବାରର !
ହେବ କଣ ଗାଦି ପାଇ ତା ଦେଶବାସୀର !
ପୁଅଟେ ମାରିଲା ମାଁଙ୍କୁ ଗଳା ଦାବି ଖବର।
ନିର୍ବାଚନୀ ଗର୍ଭବେଦନା, ଯେବେଠୁ ସ୍ୱାଧୀନ,
ଲୀଳା ବାଲ୍ୟ ନୁହେଁ, ଦେହ ନୁହେଁ ଯୌବନ,
କଂଗ୍ରେସ, ଜନତା, ଭାଜପା ସ୍ୱାମୀ ଥର କୁଥର,
ଜନ୍ମଦେଉଛି ଫଟାଇ ଗର୍ଭ, କିଏ କୁହ ମୋର ?

ଓକିଲ ଓ ସମାଜ ସେବୀ
କଳାହାଣ୍ଡି, ୯୪୩୭୧୦୪୩୦୩

## ସହଯାତ୍ରୀ

ସୁଧାକର ରାଉତ



ହେ ବନ୍ଧୁ !
ଜାଣି ରଖ ତୁମେ ଆଉ ମୁଁ
ଏକ ଓ ଅଭିନ୍ନ
ଜୀବନର ସବୁକିଛି ତୁମେ
ତୁମ ବିନା ନାହିଁ ମୋର ଆନ ।
ନାଟକର ସଂଳାପ ତୁମେ
ତୁମେ ପ୍ରତି କବିତା ର
ବଳିଷ୍ଠ ମର୍ମସ୍ପର୍ଶୀ ଉପାଦାନ
ତୁମର ଅକୁଣ୍ଠ ଦାନର
ଦେଇ ପାରିନି କିଛି ପ୍ରତିଦାନ ।
ତୁମେ ପରା ମୋର ଛାଇ
ପ୍ରତ୍ୟୁଷ ରୁ ପ୍ରଦୋଷ ଯାଏ ଥାଅ
ମୋ ପାଶେ ପାଶେ ରହି ।
ମୋ ପାପ ପୂଣ୍ୟ ର ତୁମେ
ଅବୁଝା ଖୋଲା ବହି ।
ମୋ ଜୀବନ ଆଲୋକ
ଆଉ ଅନ୍ଧାରୀ ମୂଳକ ର
ନୀରବଦ୍ରଷ୍ଟା ହୋଇ ।
ତୁମ ମନ ମନ୍ଦିର ବେଢ଼ା
ମୋ ପାଇଁ ।
ଭାବେ ମୁଁ ମୂକ ହେବା ଯାଏ
ସେଠି ପଡନ୍ତିକି ଶୋଇ ।
ମୁଁ ଜାଣେ ସର୍ବଦା
ଅଲକ୍ଷ୍ୟ ରେ ଅଛ ତୁମେ
ମୋ ପଥରେ ତୁମ ସେନେହ
ସରାଗର ମଲ୍ଲୀ ଫୁଲ ବିଛେଇ ।
ଆଉ ଖରା, ବର୍ଷା, ଶୀତ
କାକର ରେ ମୋର
ଏକାନ୍ତ ସହଯାତ୍ରୀ ହୋଇ ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ମୋ ଛବି ବହି

ରାମ ଚନ୍ଦ୍ର ପ୍ରଧାନ

କି' ସୁନ୍ଦର ଆହା ମୋ ଛବି ବହି
ନାନା ରଙ୍ଗେ ନିଏ ମନକୁ ମୋହି ।
ମୋଟା କାଗଜରେ ବଡ଼ ଅକ୍ଷର
କାଳି ଚିତ୍ର ଲାଗେ କି' ଚମତ୍କାର ।
ବେଲୁନ୍ ସାଥିରେ ପରଜା ପତି
ଇନ୍ଦ୍ରଧନୁ ଖେଳେ ରଙ୍ଗରେ ମାତି ।
ଅବନା ପଦରୁ ଯୁକ୍ତା ଅକ୍ଷର
ବନା, ମାତ୍ରା, ଫଳା ତାହାରି ଘର।
ମହପୁରୁଷଙ୍କ ଜୀବନୀ କଥା
ଶ୍ରୀପଞ୍ଚମୀ ଗୀତ ବଖାଣେ ଗାଥା ।
ଇଂରାଜୀ ବାରରୁ ଓଡ଼ିଆ ମାସ
'ଅ' କାରରୁ ପୁଣି 'ଔ'କାରେ ଶେଷ।
ଦେଶ ବିଦେଶର ଅଜଣା କଥା
ଛବି ବହି କହେ ଟୁଙ୍ଗାରି ମଥା ।
ମୋ ଛବି ବହି ସବୁଠୁ ଭଲ
ସେଲାଗି ହୁଏ ମୁଁ ତା' ସାଥେ ଗେଲ ।
ପାରିବିନି ଭୁଲି ତା'କୁ ଜୀବନେ
ରହିଥିବ ସଦା ସିଏ ସ୍ମରଣେ ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା
ଗଞ୍ଜାମ

## ଭଲ ପାଇବାର ସେ ଶୂନ୍ୟକାଳରେ...

କବିରତ୍ନ ନୂତନ କୁମାର ବେହେରା



ଭଲ ପାଇବାର ସେ ଶୂନ୍ୟକାଳରେ...
ନିର୍ଜନ ଦ୍ୱୀପରେ ବସି ମୁଁ ଭାବୁଥିଲି ଏକା ଏକା
କେମିତି ହୋଇଥିବ ମୋ ସ୍ୱପ୍ନର ସେ ଅଭିସାରିକା
ପ୍ରେମର ମନ୍ଦିରରେ ସିଏ ଜାଳି ପ୍ରୀତିର ଦୀପାଳୀ
ଭାବେ ମଜି ଦେଉଥିବ ହୃଦୟରୁ ପୀୟୂଷ ଢ଼ାଳି
ମନେ ମନେ ଆଙ୍କୁଥିଲି ମୁଁ ତାକୁ ନଦେଖି ଏକ ଚିତ୍ର
ମୋ ହୃଦୟ ଚାହୁଁଥିଲା ଯା' ସାଉଁଟୁଥିଲି ଏକତ୍ର
କଳ୍ପି ମୋ କଳ୍ପନାକୁ ରଖୁଥିଲି ସ୍ୱଚ୍ଛ ସୁନ୍ଦର ପବିତ୍ର
ଅନିନ୍ଦ୍ୟ ରୂପ ଲାବଣ୍ୟ ତାର ଦେଖୁଥିଲା ମୋ ନେତ୍ର।
ଭଲ ପାଇବାର ସେ ଶୂନ୍ୟକାଳରେ...
ଲାଗୁଥିଲା ମୋତେ ସିଏ ମୋ ହୃଦୟର ରତ୍ନହାର
ସ୍ତବ୍ଧ ମୁଗ୍ଧ ହୋଇ ମୁଁ ଭାବୁଥିଲି ଖାଲି ତାକୁ ନିରନ୍ତର
ଲାଗୁଥିଲା ମୋତେ ସବୁ ରଙ୍ଗଭରା ଫଗୁଣ ଫଗୁଣ
ଆନନ୍ଦ ଉତ୍ସାହରେ ଉଲ୍ଲସିତ ହେଉଥିଲି ମୁଁ ଦ୍ୱିଗୁଣ
ସ୍ୱପ୍ନମାନେ ଆସି ମୋ ଆଖି ସାମ୍ନାରେ କରୁଥିଲେ ଭିଡ଼
ମୋତେ ଭାରି ସୁନ୍ଦର ଦିଶୁଥିଲା ସେ ଦୂର ପାହାଡ଼
ସବୁଜ ସବୁଜିମାରୁ ଛୁଟି ଆସୁଥିଲା ଫୁଲର ସୁବାସ
ଅଜାଣତେ ମୋ ଅଧରରେ ଫୁଟୁଥିଲା ମଧୁ ହସ।
ଭଲ ପାଇବାର ସେ ଶୂନ୍ୟକାଳରେ...
ଭଲ ପାଇଲା ପରେ ପରେ ଲାଗେ ସବୁ ଓଲଟା
ମୋର ସୂକ୍ଷ୍ମ ଭାବନା ନିକଟେ ହେଉଛି ମୁଁ ହଟହଟା
ମାନସିକ ଚାପ ପଡ଼ି ହୁଏ ପ୍ରବଳରୁ ପ୍ରବଳତର
ମୁଣ୍ଡ ବିଗିଡି ପାରିପାର୍ଶ୍ୱିକ ଅବସ୍ଥା ହୁଅଇ ଗୁରୁତର
କଳ୍ପନା ଆଉ ବାସ୍ତବତା ମଧ୍ୟରେ କରୁଛି ତୁଳନା
ଲାଗେ ମୋତେ ମରୀଚିକା ପରି ଏ ଏକ ପ୍ରବଞ୍ଚନା
ଭାବି ନ ଥିଲି ଦୁଇ ଭିତରେ ଅଛି ଏତେ ଫରକ
କେତେ ସ୍ୱତନ୍ତ୍ର ନିଆରା ଥିଲା ମୋ ଭାବର ମୂଳକ।
ଭଲ ପାଇବାର ସେ ଶୂନ୍ୟକାଳରେ...
ଫଗୁଣର ମଧୁ ମହକ ହୁଏ ଧାରା ଶ୍ରାବଣର ଅଶ୍ରୁଝର
ସ୍ୱର୍ଗର ଦିବ୍ୟ ପରିକଳ୍ପନା ହୁଏ ନର୍କରେ ରୂପାନ୍ତର
ଖୋଜୁଥିବା ଚିରନ୍ତନ ପ୍ରେମ ହୁଏ ଏଠି ସବୁ ମହଙ୍ଗା
ତର୍କ ବିତର୍କର ସଂଘର୍ଷରେ ହୃଦୟ ହୁଏ ଭଙ୍ଗା
ଲାଗେ ସବୁ ପ୍ରହେଳିକାମୟ ମିଛ ମାୟାର ଜାଲ
ଜୀବନ ଜିଇଁବାକୁ ହୁଏ ସ୍ୱାର୍ଥକୁ କରି ସୁରକ୍ଷାର ଢ଼ାଲ
ଭଲ ପାଇବା ଆଗରୁ ଥିଲା ଯା' ଯା' ସକରାତ୍ମକ
ଏବେ ତା' ଉଜୁଡ଼ା ବିକ୍ଷିପ୍ତରେ ହୁଏ ନୈରାଶ୍ୟଜନକ
ଭଲ ପାଇବାର ଶୂନ୍ୟକାଳରେ...।

କୋହି,ବାରିପଦା,ମୟୂରଭଞ୍ଜ,
ଦୂରଭାଷା :୮୦୧୮୩୫୩୩୨୨




## ଡାକ୍ତର ଗୋବିନ୍ଦ ଦାସଙ୍କ ବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା ଳ ଅନ୍ତର୍ଗତ ବଳଗଣ୍ଡି ଗ୍ରାମସ୍ଥିତ ଶତାୟୁ ଡାକ୍ତର ଗୋବିନ୍ଦ ଚନ୍ଦ୍ର ଦାସଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୪ବର୍ଷ ବୟସ ହୋଇଥିଲା। ସେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କେଶପୁର ପ ାୟତର ଅରୁଆ କଦଳୀବଣ ଗ୍ରାମରେ ୧୯୧୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଡାକ୍ତର ସ୍ୱର୍ଗତ ଦାସ ହେଉଛନ୍ତି ଲୋକସେବକ ମଣ୍ଡଳର ପ୍ରାକ୍ତନ ସଭାପତି ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସମୁଦି। ସେ ୧୯୫୨ରୁ ୧୯୫୮ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ସୈନ୍ୟବାହିନୀରେ ଡାକ୍ତର ଭାବେ କାର୍ଯ୍ୟ କରିଥିଲେ। ଏଥିସହିତ ୧୯୬୪ ମସିହାରେ ଓଡ଼ିଶାର ତତକାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କର ମଧ୍ୟ ଡାକ୍ତର ଥିଲେ। ସେହିବର୍ଷ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଅସୁସ୍ଥ ହୋଇପଡିବାରୁ ସ୍ୱର୍ଗତ ଦାସ ତାଙ୍କୁ ଚିକିତ୍ସା କରିଥିଲେ। ୧୯୬୪ ମସିହା ଶେଷ ଭାଗରେ ସ୍ୱର୍ଗତ ଦାସ ସ୍ୱେଚ୍ଛାକୃତ ଅବସର ନେଇ କେନ୍ଦ୍ରାପଡା ସହରର ବଳଗଣ୍ଡି ଠାରେ ନିଜ କ୍ଲିନିକରେ ଚିକିତ୍ସା କରୁଥିଲେ। ତାଙ୍କ ବିୟୋଗରେ ସାରା କେନ୍ଦ୍ରାପଡା ସହରରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହ ି ମର ଶରୀର ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ

# —ଯୀଶୁ ଏବଂ କୃଷ୍ଣ—



ଇତିହାସରୁ ଜଣାଯାଏ - ପ୍ରଥମେ ୩୫୪ ଖ୍ରୀଷ୍ଟାବ୍ଦରେ ରୋମ୍‌ର ବିଶପ ଲିବେରିୟୁସ ଖ୍ରୀଷ୍ଟିଆନ୍‌ମାନଙ୍କ ସହ ମିଶି ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟମାସ ବା ବଡ଼ଦିନ ଭାବରେ ପାଳନ କରିଥିଲେ। ଏହାପରେ ୪୩୨ ଖ୍ରୀଷ୍ଟାବ୍ଦରେ ପୁରାତନ ଜୁଲିୟନ୍ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୬ ତାରିଖରେ ଖ୍ରୀଷ୍ଟମାସ୍ ପାଳନ କରାଗଲା। ଏହାପରେ ଧୀରେ ଧୀରେ ସାରା ପୃଥିବୀରେ ଖ୍ରୀଷ୍ଟିଆନ୍‌ମାନେ ବଡ଼ଦିନ ପାଳନ କଲେ। ଷଷ୍ଠ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଏହା ଏକ ପରମ୍ପରାର ରୂପ ନେବାକୁ ଆରମ୍ଭ କରିଥିଲା। ଭାରତ ସମେତ ଦୁନିଆର ଅଧିକାଂଶ ଦେଶରେ ଏହି ଉତ୍ସବ ୨୫ ଡିସେମ୍ବରରେ ପାଳନ କରାଯାଏ। ମାତ୍ର ରୁଷ, ଭର୍ଜିଆ, ମିଶର, ଅରମେନିଆ, ୟୁକ୍ରେନ୍ ଓ ସର୍ବିଆ ଆଦି ଦେଶରେ ଜାନୁଆରୀ ୭ ତାରିଖରେ ଏହାର ଆୟୋଜନ କରାଯାଏ। କାରଣ ପାରମ୍ପରିକ ଜୁଲିୟନ୍ କ୍ୟାଲେଣ୍ଡରର ଡିସେମ୍ବର ୨୫ ତାରିଖ ଅର୍ଥାତ୍ ବଡ଼ଦିନ ଗେଗୋରିଆନ୍ ଓ ରୋମାନ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୭ ତାରିଖରେ ପଡ଼େ। ଖ୍ରୀଷ୍ଟମାସ୍ ଶବ୍ଦଟି - 'ଖ୍ରୀଇଷ୍ଟସ୍' ଏବଂ 'ମାସ୍' ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି। ଖ୍ରୀଇଷ୍ଟସ୍‌ର ଅର୍ଥ ଯୀଶୁଖ୍ରୀଷ୍ଟ ଏବଂ ମାସର ଅର୍ଥ ହେଲା ମିଳିତ ପ୍ରାର୍ଥନା। ଲେଖକ ଲୁଇସ୍ ଜ୍ୟାକୋଲିୟତ୍ ୧୮୬୯ରେ ଦି ବାଇବେଲ ଇନ୍ ଇଣ୍ଡିଆ ନାମକ ଏକ ପୁସ୍ତକ ଲେଖିଥିଲେ। ଏହି ପୁସ୍ତକରେ ଯୀଶୁ ଏବଂ କୃଷ୍ଣ ଜଣେ ବୋଲି ସେ ଉଲ୍ଲେଖ କରିଥିଲେ। ଲୁଇସ୍ ଜ୍ୟାକୋଲିୟତ୍ ଥିଲେ ଫରାସୀ ସାହିତ୍ୟିକ ତଥା ଓକିଲ। ନିଜ ପୁସ୍ତକରେ ସେ କୃଷ୍ଣ ଏବଂ ଖ୍ରୀଷ୍ଟଙ୍କ ମଧ୍ୟରେ ତୁଳନା କରିଥିଲେ। ଲୁଇସ୍ ନିଜ ପୁସ୍ତକରେ ଲେଖିଥିଲେ ଯେ ଖ୍ରୀଷ୍ଟ ବା କ୍ରାଏଷ୍ଟ ଶବ୍ଦର ଅର୍ଥ କୃଷ୍ଣ ଶବ୍ଦର ରୂପାନ୍ତରଣ । ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଖ୍ରୀଷ୍ଟିୟାନ ନାମରେ ଜଣାଶୁଣା। ଏହି ଅନୁଗାମୀମାନେ ହିଁ ଖ୍ରୀଷ୍ଟଙ୍କୁ 'ଯାସ୍‌ସ' ନାମ ଦେଇଥିଲେ। ଏହାର ଅର୍ଥ ହେଉଛି ମୂଳ ତତ୍ତ୍ୱ। ଗୀତା ଏବଂ ଅନ୍ୟ ଧର୍ମଗ୍ରନ୍ଥରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କୁ ଏହି ରୂପରେ ବ୍ୟକ୍ତ କରାଯାଇଛି। ଯୀଶୁଖ୍ରୀଷ୍ଟଙ୍କ ସମ୍ପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ସେ ନିଜ ଜୀବନର କିଛି ସମୟ ଭାରତରେ ବିତାଇଥିଲେ। ଯୀଶୁ ପ୍ରାଚୀନ ବ୍ୟବସାୟିକ ମାର୍ଗ ସିଲକ୍ ରୁଟ୍ ଦେଇ ଭାରତ ଆସିଥିଲେ ବୋଲି ଐତିହାସିକ ପ୍ରମାଣ ମିଳେ। ସେ ତିବତ୍ ଏବଂ କାଶ୍ମୀରର ମୋନାଷ୍ଟ୍ରିରେ କିଛି ସମୟ ବିତାଇଥିଲେ। ସେଠାରେ ବୌଦ୍ଧ ଏବଂ ଭାରତୀୟ ଧର୍ମଗ୍ରନ୍ଥର ଅଧ୍ୟୟନ କରିଥିଲେ। ଭାରତ ଭ୍ରମଣ ସମୟରେ ଯୀଶୁ ଓଡ଼ିଶାର ଜଗନ୍ନାଥଧାମକୁ ମଧ୍ୟ ଆସିଥିଲେ। ସେଠାରେ ରହି କିଛି ଦିନ ଅଧ୍ୟୟନ କରିଥିଲେ ବୋଲି ଜଣାଯାଏ।

# ସତ୍‌ସଙ୍ଗର ଆହ୍ୱାନ: ଧର୍ମାନ୍ତରୀକରଣମୁକ୍ତ ଭାରତ



ସତ୍‌ସଙ୍ଗର ପ୍ରାଣପୁରୁଷ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସର୍ବଧର୍ମ ସମନ୍ୱୟକାରୀ ଆଚରଣ ଓ ଉଚ୍ଚାରଣରେ ବିମୋହିତ ହୋଇ ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ଇତ୍ୟାଦି ଭକ୍ତଗଣ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଆବାଳବୃଦ୍ଧବନିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗୁରୁ ରୂପେ ବରଣ କରିଥିଲେ। ଧର୍ମାନ୍ତରୀକରଣ ସମ୍ବନ୍ଧରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ଧର୍ମ ଚିରଦିନ ହିଁ ଏକ ଏବଂ ତାହା ଆଚରଣର ବସ୍ତୁ। ଧର୍ମ କେବେହେଲେ ଭେଦ ହୁଏନାହିଁ। ଧର୍ମ କେବେହେଲେ ପିତୃପୁରୁଷ ବା ମନୁଷ୍ୟର ଅତୀତ ସତ୍ତାସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏ ନାହିଁ। ଏକ କଥାରେ ଧର୍ମାନ୍ତରୀକରଣ ଧର୍ମର କୌଣସି ପରିଭାଷା ନୁହେଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନୈକ ଭକ୍ତ ହାର୍ଭାଡ଼ ବିଶ୍ୱବିଦ୍ୟାଳୟରପ୍ରଫେସର ଏଡ଼ମ୍‌ଣ୍ଡ ସ୍ପେନ୍‌ସର ଭାଇ ଏହା ଶୁଣି ଉତ୍‌ଫୁଲ୍ଲିତ ହୋଇଉଠିଲେ, କହିଲେ-ଆପଣ ଠିକ୍ କହିଛନ୍ତି, ବାଇବେଲରେ ମଧ୍ୟ ଏହାର ସମର୍ଥନ ଅଛି। ଶ୍ରୀ ସ୍ପେନ୍‌ସର ଭାଇ ବାଇବେଲ୍‌ରୁ ପଢ଼ିଲେ-ହାୟ ! ଅଧାର୍ମିକ ଇହୁଦୀ ଧର୍ମବ୍ୟାଖ୍ୟାତାଗଣ, ତୁମ୍ଭେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ନିମିତ୍ତ ଜଳ, ସ୍ଥଳ ପରିଭ୍ରମଣ କରୁଛ ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ସେତେବେଳେ ତୁମ୍ଭେମାନେ ତାକୁ ଏକ ନରକ ନନ୍ଦନ କରି ଉଠାଓ, ଯିଏକି ତୁମଠାରୁ ଦୁଇଗୁଣ ଖରାପ ହୋଇପାରେ। (ମାଥ୍ୟୁ. ୨୩;୧୫) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବୁଝିରଖ ଏହା ବରାବର ଚାଲିଆସିଛି। ଆଉ ଆମ୍ଭେମାନେ ଏହାର ବିରୁଦ୍ଧ ଆଚରଣ କରୁଛୁ। ଧର୍ମାନ୍ତରୀକରଣ ଧର୍ମର ପରିପନ୍ଥୀ। କିନ୍ତୁ ପରିପୂରଣୀ ଦୀକ୍ଷା ଜିନିଷଟା ହେଲା ଅଲଗା, ଏଥିରେ ଗୁରୁତ୍ୟାଗ ହୁଏନାହିଁ, ବଂଶ ତ୍ୟାଗ ହୁଏନାହିଁ, କୃଷ୍ଟି ତ୍ୟାଗ ହୁଏନାହିଁ ବରଂ ପ୍ରତ୍ୟେକଟା ହିଁ ସ୍ଫୁରଣଦୀପନା ଲାଭକରେ। ମୋର ବକ୍ତବ୍ୟ ଏହା ଯେ - ପୂର୍ବତନ କୌଣସି ଏକ ଜଣଙ୍କୁ ନ ମାନିବା ହିଁ ମହାକ୍ଷତି। ବର୍ତ୍ତମାନ ପୂରକ ପୁରୁଷ ହେଉଛନ୍ତି ସର୍ବଦେବମୟୋଗୁରୁଃ। ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ତାଙ୍କ ମଧ୍ୟରେ ଜୀବନ୍ତ। ତାଙ୍କ ପାଖରେ ଧର୍ମାନ୍ତରକରଣ ନାହିଁ ବରଂ ଅଛି ନିଷ୍ଠା। ଧର୍ମାନ୍ତରକରା ମାନେ ବିଶ୍ୱାସଘାତକତା କରିବା ଓ ଏହା ଧର୍ମ ରାଜ୍ୟର କଥା ନୁହେଁ। ମୋ ପାଖକୁ ଜଣେ ଖ୍ରୀଷ୍ଟିୟାନ ଭକ୍ତ ଆସିଲେ ମୁଁ ତାକୁ କୁହେ - ଆହୁରି ଗଭୀର ଭାବେ ଖ୍ରୀଷ୍ଟିୟାନ୍ ହୁଅ, କୌଣସି ମୁସଲମାନ୍ ଭକ୍ତ ଆସିଲେ ତାଙ୍କୁ କୁହେ ଆହୁରି ଗଭୀର ଭାବେ ମୁସଲିମ୍ ହୁଅ। ଏହି ପ୍ରସଙ୍ଗରେ ପୁନରାୟ ଆମେରିକାନ୍ ଭକ୍ତ ସ୍ପେନ୍‌ସର୍ ଭାଇ ପରିପୂରଣୀ ଦୀକ୍ଷା ସମର୍ଥନରେ ବାଇବେଲ୍‌ରୁ ପଢ଼ି ଶୁଣାଇଲେ-ସ୍ୱର୍ଗୀୟ ଜୀବନବାଦରେ ଦୀକ୍ଷିତ ପ୍ରତିଟି ଇହୁଦୀ ଧର୍ମଶାସ୍ତ୍ରଜ୍ଞ ବ୍ୟକ୍ତି ସେହି ଗୃହୀର ସମତୁଲ୍ୟ ଯିଏ କି ତାର ଭଣ୍ଡାରରୁ ପ୍ରାଚୀନ ଓ ନବୀନ ସବୁକିଛି ବାହାର କରି ଦେଖାଇପାରେ। (ମାଥ୍ୟୁ. ୧୪;୫୧)। ଜଣେ ମୌଲବୀ ସାହେବଙ୍କ ସହିତ ଇସ୍‌ଲାମ ସମ୍ପର୍କରେ କଥା କହୁ କହୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ- ଇସ୍‌ଲାମ ଶବ୍ଦର ଅର୍ଥ ଖୋଦାଙ୍କ ଠାରେ ଆତ୍ମନିବେଦନ ବା ଶାନ୍ତି। କଲେମା, ନାମାଜ, ରୋଜା, ହଜ୍ ଓ ଜାକାତ୍-ଏହି ପାଞ୍ଚଟି ଅନୁଷ୍ଠାନ ମୁସଲମାନମାନଙ୍କର ଅବଶ୍ୟ କରଣୀୟ। ପ୍ରତ୍ୟେକ ଶାସ୍ତ୍ରରେ ଏହି ବିଧାନ ଅବଶ୍ୟ ଅଛି, ହୁଏତ ବିଭିନ୍ନ ଭାଷାରେ ବା ନାମରେ। କଲେମା ଅର୍ଥ ଖୋଦାଙ୍କ ପାଖରେ ବିଶ୍ୱାସ ରଖି ପ୍ରେରିତ ପୁରୁଷଙ୍କୁ ସ୍ୱୀକାର କରି ତାଙ୍କ ଅନୁଶାସନରେ ଚାଲିବା। ଏହି ବିଶ୍ୱାସ, ସ୍ୱୀକୃତି ଓ ଅନୁସରଣ ହେଉଛି ଧର୍ମର ପ୍ରଥମ ଭିତ୍ତି। ହିନ୍ଦୁମାନଙ୍କ ମତରେ ସଦ୍‌ଗୁରୁଙ୍କ ପାଖରେ ଦୀକ୍ଷା ଗ୍ରହଣ ଓ ଖ୍ରୀଷ୍ଟିୟାନ୍ ମାନଙ୍କର ଅଭିଷେକ ପ୍ରଥା ରହିଛି। ବୌଦ୍ଧମାନେ ଆନୁଷ୍ଠାନିକ ଭାବେ ତ୍ରିଶରଣ ମନ୍ତ୍ର ଗ୍ରହଣ କରନ୍ତି। ନାମାଜ ମାନେ ସନ୍ଧ୍ୟା, ବନ୍ଦନା ଓ ପ୍ରାର୍ଥନା। ରୋଜା ମାନେ ଇଷ୍ଟଚିନ୍ତାପରାୟଣ ହୋଇ ସୁନିୟନ୍ତ୍ରିତ ଉପବାସ। ହଜ୍ ମାନେ ତୀର୍ଥଯାତ୍ରା। ଜାକାତ୍ ମାନେ ଧର୍ମାର୍ଥେ ଦାନ-ଅର୍ଥ ଇଷ୍ଟଭୃତି। ଏହି ପଞ୍ଚନୀତି ସବୁଧର୍ମରେ ନିହିତ ଅଛି। ବିଦାୟ ହଜ୍‌ରେ ପୟଗମ୍ବର ରସୁଲ ଆଲ୍ଲା ଧର୍ମାନ୍ତରୀକରଣ ବିରୁଦ୍ଧରେ ତୀବ୍ର ଭାବେ ମତ ପ୍ରକାଶ କରିଛନ୍ତି। ହିନ୍ଦୁ ମାନଙ୍କର ଗୟାରେ ପିଣ୍ଡଦାନ, ଖ୍ରୀଷ୍ଟିୟାନ ମାନଙ୍କର ବିଚାରର ଦିନ ଓ ମୁସଲମାନ ମାନଙ୍କର ରୋଜକୟାମତ୍‌ର ଅର୍ଥ ଏକ ଓ କେବଳ ଭାଷାର ବିଭିନ୍ନତା। ଭଗବାନ ଶ୍ରୀକୃଷ୍ଣ ଶବ୍ଦଯୋଗୀ ଥିଲେ। ଶ୍ରୀକୃଷ୍ଣଙ୍କ ହାତରେ ଥିଲା ବଂଶୀ ଓ ସେହି ବଂଶୀରୁ ରାଧା, ରାଧା ବୋଲି ଆୱାଜ୍ ଆସୁଥିଲା। ମୋର ମନେହୁଏ ଭଗବାନ ଯୀଶୁଖ୍ରୀଷ୍ଟ ମଧ୍ୟ ଶବ୍ଦଯୋଗୀ ଥିଲେ। ବାଇବେଲ୍‌ରେ ଅଛି - ଆଦିରେ ବାକ୍ ଥିଲା, ବାକ୍ ଥିଲା ଈଶ୍ୱରଙ୍କ ପାଖରେ ଏବଂ ବାକ୍ ହିଁ ଈଶ୍ୱର। ପୟଗମ୍ବର ରସୁଲ୍ ମଧ୍ୟ ନୂର୍ ଓ ଆୱାଜ୍ କଥା କହୁଥିଲେ। ଏହି ଶବ୍ଦ ସାଧନା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମସ୍ତଙ୍କ ଭିତରେ ଅଛି, ତେଣୁ ଧର୍ମାନ୍ତରୀକରଣ ହେଉଛି ଗୀତା, କୋରାନ୍ ଓ ବାଇବେଲ ବିରୋଧୀ। ତେଣୁ ବଜ୍ରକଣ୍ଠରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ଜାତିକୁ ଆହ୍ୱାନ ଦେଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ-ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହିମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାକୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆବିର୍ଭାବ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଞ୍ଚ। ପରୀକ୍ଷାମୂଳକ ଭାବେ ପେମ୍ବିଏଞ୍ଚକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଞ୍ଚର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଞ୍ଚ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଞ୍ଚ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ସାହିତ୍ୟିକ ଇଂ.ନିରାକାର ମହାଲିକଙ୍କ ସ୍ମୃତିସଭା



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା କାର୍ଯ୍ୟାଳୟରେ ଓଡିଶାର ଜଣେ ବରିଷ୍ଠ ଲେଖକ ଓ ଗବେଷକ ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବିଶିଷ୍ଟ ସ୍ତମ୍ଭକାର ଏବଂ ସାହିତ୍ୟିକ ସୌମେନ୍ଦ୍ର କୁମାର ଜେନା କହିଲେ ଯେ, ଏକ ସରଳ, ନିରଳସ, ନିଷ୍ଠାପର ଏବଂ ନୀରବ ସାଧକ ସ୍ୱର୍ଗତ ଇଂ. ନିରାକାର ମହାଲିକ ରାଷ୍ଟ୍ରୀୟ ବିଚାରଧାରାକୁ ସଦାସର୍ବଦା ଅଗ୍ରାଧିକାର ଦେଉଥିଲେ । ବୃତିରେ ଇଂଜିନିୟର ହୋଇଥିବା ସତ୍ତ୍ୱେ ପ୍ରବୃତିରେ ସିଏ ଥିଲେ ସାହିତ୍ୟ ସାଧକ । ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକ ଗବେଷଣାତ୍ମକ ଏବଂ ତଥ୍ୟପୂର୍ଣ୍ଣ । ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ମଧ୍ୟରେ ଭାରତୀୟ କାଳର ବିଶ୍ୱରୂପ, ମନସ୍ୱୀ ବିକ୍ରମଦେବ ବର୍ମା, କନ୍ଧକବି ଭୀମଭୋଇ, ଆର୍ଯ୍ୟପରମ୍ପରା ଓ ଓଡିଶାର ସାମରିକ ସଂସ୍କୃତି,ରେଢାଖୋଲ ଇତିହାସ, ଶ୍ରୀ ହରିଶଙ୍କର, ଶ୍ରୀ ନୃସିଂହନାଥ, ବେଦବ୍ୟାସ, ମଧ୍ୟାହ୍ନର ସ୍ୱର, ଇଂ. ସାର ବିଶ୍ୱେଶରାୟା ଏବଂ ନାଟ୍ୟରଥି ଗୋପାଳ ଦାସ ଆଦି ଉଲ୍ଲେଖନୀୟ । ଏହାଛଡା ଓଡିଶାର ଏକ ପ୍ରମୁଖ ନିର୍ମାଣ ହିରାକୁଦ ନଦୀବନ୍ଧର ଅନ୍ୟତମ ପୁରୋଧା ତତ୍କାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କ ଜୀବନୀ ଉପରେ ଏକ ଇଂରାଜୀ ବହି ମଧ୍ୟ ରଚନା କରିଛନ୍ତି । ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କୁ ଜଣେ ସରଳ ଦରଦୀ ହୃଦୟବ୍ୟକ୍ତି ଭାବରେ ବର୍ଣ୍ଣନାକରି ଏହି ସ୍ମୃତି ଚାରଣ କାର୍ଯକ୍ରମରେ ଉପସ୍ଥିତ ବ୍ୟକ୍ତିଗଣେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ପତି, ସ୍ତମ୍ଭକାର ସମନ୍ୱୟ ନନ୍ଦ, ସ୍ତମ୍ଭକାର ଅନୀଲ ବିଶ୍ୱାଳ, ଅଶୋକ ସାହୁ, ଅଧିବକ୍ତା ଲକ୍ଷ୍ମୀଧର ଦାଶ, ନାରାୟଣ ଦାସ ମାଓ୍ୱତୱାଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଆଦି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନିରବ ପ୍ରାର୍ଥନା ଆୟୋଜିତ ହୋଇଥିଲା ।

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Sunday August 04 2024 ଭୁବନେଶ୍ୱର ରବିବାର, ରବି ୦୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଉଦୟବଟ ଧାମରେ ତତ୍ତ୍ୱଗୁରୁଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ : ଧାମ କୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ସାଧାରଣରେ ନିବେଦନ

ପାରାଦୀପ,(ପି.ଏନ): ଉଦୟବଟ ଧାମରେ ଶ୍ରୀ ଜଗନ୍ନାଥ ତତ୍ତ୍ୱାଶ୍ରମର ପ୍ରତିଷ୍ଠାତା ଗୁରୁ ଶ୍ରୀ ଭଗବାନ ଦାସଙ୍କ ଚ଼ତୁର୍ବିଂଶତମ ଶ୍ରାଦ୍ଧ ?ସ୍ଵବ ଆଶ୍ରମର ଗୁରୁଭାଇ ଓ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ପାରମ୍ପରିକ ରୀତିରେ ଶ୍ରାବଣ କୃଷ୍ଣ ଚ଼ତୁର୍ଦ୍ଦଶୀ ତିଥିରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଗୁରୁଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ତିଳତର୍ପଣ, ବ୍ରହ୍ମ ନାମ ଓ କଲ୍ ?କୀ ଭଜନ ପରିବେଷଣ କରାଯାଇଥିଲା ।ଗତ ଶତାବ୍ଦୀରେ ୮୦ ଦଶକ ମଧ୍ୟଭାଗରେ ପ୍ରତିଷ୍ଠିତ ଆଶ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ତଥା ଉଦୟବଟ ଧାମର ଆଧାତ୍ମିକ, ପୌରାଣିକ ଓ ଐତିହାସିକ ମହତ୍ତ୍ୱ ସମ୍ପର୍କରେ ସଭାପତି ବସନ୍ତ କୁମାର ନାୟକ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥିଲେ । ପୁରାଣ ଓ ମାଳିକା ସାହିତ୍ୟରେ ଉଲ୍ଲେଖ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦଶମ ଅବତାର "କଲ୍ ?କୀ'ଙ୍କର ନାମ, ରୂପ ଓ ତତ୍ତ୍ୱର ପ୍ରଚ଼ାର ସହ ଏଠାରେ ତ୍ରିକୋଣ ମନ୍ଦିର, ଶୂନ୍ୟ ମଣ୍ଡପ, ଚ଼ତୁର୍ଦ୍ଧାମୂର୍ତ୍ତିଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଛି । ଆହୁରି ମଧ ଏଠାରେ ମଠ, ମନ୍ଦିର ଓ ଆଶ୍ରମ ତିନି ସଂସ୍କୃତିର ମିଳନ ଘଟିଛି । ଅନ୍ୟ ପକ୍ଷରେ ପାରାଦ୍ୱୀପ ଭଳି ଶିଳ୍ପ ସମୃଦ୍ଧ ସହରରେ ପ୍ରାକୃତିକ ପରିବେଶ ମଧ୍ୟରେ ଶାନ୍ତି-ସଦ୍ ?ଭାବନା ଜାଗରଣର ଏକମାତ୍ର କ୍ଷେତ୍ରଭାବେ ଉଭା ହୋଇ କୁଜଙ୍ଗ-ପାରାଦ୍ୱୀପ ଅଞ୍ଚଳ ଅଧିବାସୀ ମାନଙ୍କର ଆସ୍ଥା ବିଶ୍ୱାସର କେନ୍ଦ୍ରବିନ୍ଦୁ ପାଲଟିଛି । ଦେଖିବାକୁ ଗଲେ, ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପାରାଦ୍ୱୀପ ସହରର ପ୍ରାଚ଼ୀନ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଉଦୟବଟ ଧାମକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଦୀର୍ଘ ଦିନରୁ ସର୍ବସାଧାରଣରେ ଦାବୀ ହୋଇ ଆସୁଅଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପୀଠର ସୁରକ୍ଷା ଓ ବିକାଶକୁ ଦୃଷ୍ଟିରେ ରଖି ବିହୀତ ପଦକ୍ଷେପ ନେବାପାଇଁ ଅନୁଷ୍ଠାନର ସମ୍ପାଦକ ଚ଼ିନ୍ମୟ ଦାସ, ସେବକ ଡାକ୍ତର ରାଜେନ୍ଦ୍ର ନାୟକ, ସନ୍ଦିପ୍ତ ଚୌଧୁରୀ, କ୍ଷୀରୋଦ ରାଉତ, ଶ୍ରୀଧର ମଲ୍ଲିକ, ଅଶୋକ ନାଥ, ନିରଂଜନ ସାଇଁ, ବିଦ୍ୟାଧର ମାଝୀ ପ୍ରମୁଖ ନିବେଦନ କରିଛନ୍ତି ।

## ବିଶ୍ୱ ଜନସଂଖ୍ୟା ରୋକିବା ନେଇ ତାଲିମ ଶିବିର ଓ ଜନ ସଚେତନତା ରଥ ପରିକ୍ରମା



ବାଲିଅନ୍ତା,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ବୁଧବାର ଦିନ ବିଶ୍ୱ ଜନସଂଖ୍ୟା ମାସ (୨୬ ଜୁନ ରୁ ଜୁଲାଇ ୨୪ ପର୍ଯ୍ୟନ୍ତ ) ମନେଇବା ନେଇ ବିଶ୍ୱ ଜନ ସଂଖ୍ୟା ଦିବସ ଜୁନ ୨୬ ରୁ ୧୦ ଜୁଲାଇ ଯାଇଁ ଜନସଂଖ୍ୟା ଜନ ସଚେତନତା ପକ୍ଷ ଓ ୧୧ ଜୁଲାଇ ରୁ ୨୪ ଜୁଲାଇ ପର୍ଯ୍ୟନ୍ତ ସ୍ଥିରତା ପକ୍ଷ । ପ୍ରଥମେ ପକ୍ଷରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବିଭାଗର ଆଶା, ସ୍ୱାସ୍ଥ୍ୟ କର୍ମୀ ଦ୍ୱାରା ବିଭିନ୍ନ ବୈଠକ କରି ସଚେତନତା କରିଥାନ୍ତି ଜନସଂଖ୍ୟା ବୃଦ୍ଧିର ଅପକାର ଓ ଛୋଟ ପରିବାର ଜନସଂଖ୍ୟାର କମିବାର ଉପକାର ବିଷୟରେ ଏକ ଜନସଚେତନତା ରଥ ଡ଼ାକବାଜି ଯନ୍ତ୍ର, ଟିଭି ଫିଲ୍ମ ଓ ପତ୍ରିକା ବଣ୍ଟନ ଦ୍ୱାରା ସଚେତନତା କରାଯାଇଛି । ଏହି ରଥକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡ ତନ୍ମୟ ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ସମସ୍ତ ସ୍ୱାସ୍ଥ୍ୟ ବିଭାଗର କର୍ମଚ଼ାରୀ ଉପସ୍ଥିତିରେ ଆଶା କର୍ମୀମାନେ ଡ଼ାକବାଜି ଯନ୍ତ୍ର ଦ୍ୱାରା ଓ ପତ୍ରିକା ବଣ୍ଟନ ଗାଁ ଗାଁ ବୁଲି, ସ୍ୱାସ୍ଥ୍ୟ କାନ୍ଥରେ ବାର୍ତା ଛୋଟ ପରିବାର ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଏଇ ସେବା ବାଲକାଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ଅଛି, ଯାହା ଜନସାଧାରଣଙ୍କୁ ଜଣାଇବା ପାଇଁ ବଡ ପୋଷ୍ଟର ବାଲକାଟୀ ଗୋଷ୍ଠୀ ସେବାକେନ୍ଦ୍ରରେ ଗର୍ଭନିରୋଧ ପାଇଁ ସୂଚ଼ନା ଲେଖା ଯିବା ସହିତ ଚ଼ିକିତ୍ସାଳୟ ଭିତରେ ଏକ ଜନସଚେତନତା କକ୍ଷ ଖୋଲା ଯାଇ ଗର୍ଭନିରୋଧର ବିଭିନ୍ନ ଉପକରଣମାନ ଜନସାଧାରଣଙ୍କ ସଚେତନତା ଲାଗି ରଖାଯାଇଛି । ଗର୍ଭ ନିରୋଧ, ଗର୍ଭନିରୋଧ ବଟିକା, ଅନ୍ତର ଇଞ୍ଜେକ୍ସନ ଯାହା କି ଥରେ ଗ୍ରହଣ କଲେ ୩ ମାସ ଯାଇଁ ଗର୍ଭନିରୋଧ ହେବ, କପର- ଟି ଯାହା ମହିଳା ମାନେ ବ୍ୟବହାର କଲେ ଥରେ ୨-୫ ବର୍ଷ ଯାଇଁ ଗର୍ଭନିରୋଧ ହେବ, କିନ୍ତୁ ଏ ସବୁ ବ୍ୟବହାର ଛାଡିଦେଲେ ପୁଣି ଗର୍ଭଧାରଣ କରିପାରିବେ ଓ ଏ ସବୁ ପୁରା ନିରାପଦ । ତାପରେ ଅଛି ପୁରୁଷ ବନ୍ଧ୍ୟାକରଣ ଯାହାକି ଚ଼ିରା ଚ଼ିରି, କଟା କାଟି, ସିଲା ସିଲି ନାହିଁ, ଓ ପୁରା ନିରାପଦ ଓ ସହଜ ଉପାୟ. ତାପରେ ମହିଳା ବନ୍ଧ୍ୟାକରଣ ଲାପ୍ରୋସ୍କପି ମେସିନ ଦ୍ୱାରା ସହଜ ଓ ନିରାପଦରେ କରାଯାଏ । ତା ସହିତ ହିତାଧିକାରିଙ୍କୁ ପ୍ରୋତ୍ସାହନ ରାଶି ମିଳିଥାଏ । ଏହି ସବୁ ଗର୍ଭନିରୋଧ ଉପାୟ ଆପଣେଇଲେ ଆମ ଦେଶର ଜନସଂଖ୍ୟା ରୋକିବା ସହିତ ଦାରିଦ୍ର୍ୟ ଦୂରୀକରଣ ହେବା ନେଇ ବାଲକାଟି ଗୋଷ୍ଠୀ କେନ୍ଦ୍ରର ଅଧିକାରୀ ଡ ତନ୍ମୟ ତ୍ରିପାଠୀ ସବୁ ଆଶା ଓ ସ୍ୱାସ୍ଥ୍ୟକର୍ମୀ ଙ୍କୁ ତାଲିମ ଦେଇଥିଲେ । ଅନ୍ୟ ପ୍ରସଙ୍ଗରେ କହିଥିଲେ ଗର୍ଭଧାରଣ କରିବେ ନାହିଁ ଓ ଛୋଟ ପରିବାରକୁ ସବୁ ଖୁସି ଦେଇ ସୁଖରେ ରହିବେ ।

## ସରକାରଙ୍କ ଜବରଦଖଲ ଉଚ୍ଛେଦ ଚ଼ିଠିକୁ ନେଇ ଅସନ୍ତୋଷ

ଫୁଲବାଣୀ,(ପି.ଏନ) :ଲୋକେ ଶାସକ ବିଜେଡି ସରକାରକୁ ପ୍ରତ୍ୟାଖ୍ୟାନ କରି ବିଜେପି କୁ ଭୋଟ ଦେଇ ଜିତାଇଥିଲେ । ହେଲେ ସରକାର ଗଠନ ର ମାସେ ନ ହେଉଣୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳ ଲୋକଙ୍କ ଜବରଦଖଲ ଉଚ୍ଛେଦ କରିବା ଲାଗି ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେବା ନେଇ ଜାଣିବା ପରେ ଫୁଲବାଣୀ ସମେତ ସମଗ୍ର ଜିଲାରେ ତୀବ୍ର ପ୍ରକ୍ରିୟା ପ୍ରକାଶ ପାଇଛି । ସୂଚ଼ନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚ଼ିବ ସତ୍ୟବ୍ରତ ସାହୁ ଚ଼ିଠି ନମ୍ବର ୨୧୮୫ ୫ ତା ୬ /୭ /୨୪ ରେ ଜିଲ୍ଲାପାଳ ମାନଙ୍କୁ ତୁରନ୍ତ ଜବରଦଖଲ ହଟାଇବା ଲାଗି କଡା ନିର୍ଦ୍ଦେଶ ଦେଇଛନ୍ତି । ଆଉ ସରକାର ଙ୍କ ନିର୍ଦ୍ଦେଶ ମାନି ଜିଲ୍ଲାପାଳ ଏ ସମ୍ପର୍କରେ ରାଜସ୍ୱ ବିଭାଗ ଅଧିକାରୀ ଙ୍କ ସହ ଆଲୋଚ଼ନା କରି ଜ୍ବବରଦଖଲ ରେ କେତେଜମି ରହିଛି ଆଉ କେତେ ଲୋକ ସମ୍ପୃକ୍ତ ଅଛନ୍ତି ସେ ନେଇ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିବା ଶୁଣିବାକୁ ମିଳିଛି । ଜବର ଦଖଲ ଉଚ୍ଛେଦ ନେଇ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଗଣ ମାଧ୍ୟମ ରୁ ଜାଣିବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତିକ୍ଷ ଖାଇବା ପିଇବା ଛାଡ଼ିଦେବା ସହ ରାତିରେ ଟିକେ ଶାନ୍ତିରେ ମଧ ଶୋଇପାରୁନୁ ବୋଲି କହିଛନ୍ତି । ଏବେ ବର୍ଷା ଦିନ,କେତେବେଳେ ମୁଣ୍ଡ ଉପରୁ ଛାତ ଚ଼ାଲିଯିବ ଆଉ ଆମେ ପିଲାଛୁଆ ନେଇ ରହିବୁ କେଉଁଠି ବୋଲି ଚ଼ିନ୍ତାରେ ଅଛନ୍ତି ।

## କେନ୍ଦ୍ରାପଡା କଲେଜରୁ ଏସି ଚୋରି ଘଟଣା



କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ମହାବିଦ୍ୟାଳୟରୁ ଏସି ଚୋରି ଘଟଣାର ମାଷ୍ଟରମାଇଣ୍ଡ ଅଧ୍ୟାପକଙ୍କ ଗିରଫ ଓ ଘଟଣାର ତଦନ୍ତ କ୍ରାଇମବ୍ରା ଦ୍ୱାରା କରାଯିବା ଦାବିରେ ଟାଉନ ଥାନା ସମ୍ମୁଖରେ ବିଗତ ୫ଦିନ ଧରି ଧାରଣାରତ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଆଜି ଅପରାହ୍ନରେ ଦାବି ପୁରଣର ପ୍ରତିଶୃତି ପାଇବା ପରେ ଧାରଣାକୁ ବ ମାନ ପାଇଁ ସ୍ଥଗିତ ରଖାଯିବା ଘୋଷଣା କରିଛନ୍ତି । ଆଜି ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପୋଲିସ ମୁଖ୍ୟାଳୟର ଡିଏସପି ସରିତା ମହାପାତ୍ର ଧାରଣାସ୍ଥଳରେ ପହ ି ଧାରଣାକାରୀ ପୁରାତନ ଛାତ୍ର ଚି ରଞ୍ଜନ ଦାସ, ଭାଗିରଥୀ ଜେନା, ଗୟାଧର ଧଳ, ମୀର ମୁର୍ଶିଦ ପ୍ରମୁଖଙ୍କ ସହ ଆଲୋଚନା କରିବା ପରେ ଦାବି ସମ୍ପର୍କରେ ଆରକ୍ଷୀ ଅଧିକ୍ଷକଙ୍କ ସହ କଥା ହୋଇଥିଲେ । ଏହି ଘଟଣାର ତଦନ୍ତ ପୋଲିସ ମୁଖ୍ୟାଳୟରେ ଥିବା ଜଣେ ଇନିସପେକ୍ଟର ପାହ୍ୟାର ଅଧିକାରୀଙ୍କ ଦ୍ୱାରା କରାଯିବା, ପୁରାତନ ଛାତ୍ରମାନେ ଥାନାଧିକାରୀଙ୍କୁ ପ୍ରଦାନ କରିଥିବା ଲିଖିତ ଅଭିଯୋଗର ତଦନ୍ତ କରାଯିବା ସହିତ କ୍ରାଇମବ୍ରା ତଦନ୍ତ ପାଇଁ ଦାବିପତ୍ରକୁ ରାଜ୍ୟ ପୋଲିସ ମୁଖ୍ୟଙ୍କୁ ପଠାଯିବ ବୋଲି ଡିଏସପି ଶ୍ରୀମତୀ ମହାପାତ୍ର ଏସପିଙ୍କ ପକ୍ଷରୁ ଧାରଣାକାରୀଙ୍କୁ ପ୍ରତିଶୃତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା । ଆଜିର ଧାରଣାରେ ପୁରାତନ ଛାତ୍ର ଚି ରଞ୍ଜନ ଦାସ, ଆଦିକନ୍ଦ ରାଉଳ, ରମଣୀରଞ୍ଜନ ରାଉତରାୟ, ଭାଗିରଥୀ ଜେନା, ନିରଞ୍ଜନ ପରିଡା, ମୀର ମୁର୍ଶିଦ, ବିକାଶ ଚନ୍ଦ୍ର ବେଉରା, ଗୟାଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

## ପରିବାର ନିୟୋଜନର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,(ପି.ଏନ): ଜନସଂଖ୍ୟା ବୃଦ୍ଧି ତଥା ପରିବାର ନିୟୋଜନ ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଭୁବନେଶ୍ୱରସ୍ଥିତ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ଜନସଂଖ୍ୟା ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ଡଃ ଜିତେନ୍ଦ୍ର ମୋହନ ବେବର୍ତ୍ତା, ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡଃ ସଂଯୁକ୍ତା ସାହୁ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନୀଳକଣ୍ଠ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରିବାର ନିୟୋଜନର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ରିପୋର୍ଟ ଆଧାରରେ ଓଡ଼ିଶାରେ ବର୍ତ୍ତମାନ ପ୍ରଜନନ ହାର ୧.୮ ରହିଛି, ଯାହା ଜାତୀୟ ହାର (୨.୦) ଠାରୁ କମ୍ ଅଟେ । ଏଥିପାଇଁ ଅଧିକର ଅଧିକ ସଚେତନତା ସୃଷ୍ଟି କରାଯାଉଛି । ପାରମ୍ପରିକ ପ୍ରଣାଳୀ ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାସ୍କେଟ ଅଫ୍ ଚଏସ୍‌ରେ ଆଉ ୨ଟି ନୂତନ ଗର୍ଭନିରୋଧକ 'ସବ୍ ଡରମାଲ ଇମ୍ପ୍ଲାଣ୍ଟ' ଏବଂ 'ସବ୍‌କ୍ୟୁଟାନିୟମ ଇଞ୍ଜେକ୍ସନ ଏମ୍‌ପିଏ (ଅନ୍ତରା)' ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯାଇଛି । ଏଥିରୁ ସଫଳତା ପ୍ରାପ୍ତି ହୋଇଥିବାରୁ ଆଗକୁ ଏହାକୁ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଉଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ଚଳିତବର୍ଷ ବିଶ୍ୱ ଜନସଂଖ୍ୟା ଦିବସର ବାର୍ତ୍ତା ରହିଛି 'ବିକଶିତ ଭାରତର ପରିଚୟ ନୂତନ, ପରିବାର ନିୟୋଜନ ପ୍ରତି ଦମ୍ପତିଙ୍କ ସମ୍ମାନ' । ରାଜ୍ୟରେ ୨୭ ଜୁନ ରୁ ୨୪ ଜୁଲାଇ ୨୦୨୪ ପର୍ଯ୍ୟ' ବିଶ୍ୱ ଜନସଂଖ୍ୟା ଦିବସ ଅଭିଯାନ ପାଳିତ ହେଉଛି । ଜୁନ ୨୭ ତାରିଖରୁ ୧୦ ଜୁଲାଇ ପର୍ଯ୍ୟନ୍ତ ଜନସଂଖ୍ୟା ସଚେତନତା ପକ୍ଷ (ମୋବିଲାଇଜେସନ ଫୋର୍ଟନାଇଟ) ଏବଂ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟ' 'ଜନସଂଖ୍ୟା ସ୍ଥିରତା ପକ୍ଷ' ପାଳନ କରାଯାଉଅଛି । ୨୦୨୩-୨୪ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୂଆପଡ଼ା, ସୋନପୁର, ନବରଙ୍ଗପୁର, କଟକ, ବୌଦ୍ଧ ଜିଲାକୁ ପୁରସ୍କୃତ କରାଯାଇଛି । ସେହିପରି ଗର୍ଭନିରୋଧକ ଏମ୍‌ପିଏ (ଅନ୍ତରା) ବ୍ୟବହାରରେ ଦେଓଗଡ ଓ ଗଜପତି ଜିଲା, ପିପି ଆଇୟୁସିଡି ବ୍ୟବହାରରେ ଜଗତସିଂପୁର ଓ ଗାମ ଜିଲା, ପିଏ ଆଇୟୁସିଡି ବ୍ୟବହାରରେ ଯାଜପୁର ଓ କନ୍ଧମାଳ ଜିଲା, ଫ୍ୟାମିଲି ପ୍ଲାନିଂ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଇନ୍‌ଫର୍ମେସନ ସିଷ୍ଟମରେ ଡିଭିଏଲ୍‌ଏମ୍ କାର୍ଯ୍ୟାନ୍ୱୟନରେ ଡିଭିଏଲ୍‌ଏମ୍ ମାଲକାନଗିରିର ଜ୍ୟୋତି ନାରାୟଣ ମହାଳିକ, ନବରଙ୍ଗପୁର ଜିଲାର ମଳୟରନ ପାଣିଗ୍ରାହୀଙ୍କୁ ପୁରସ୍କୃତ କରାଯାଇଛି ।

## କୋଣାର୍କ ଏନ୍‌ଏସିରେ ୨କୋଟି ଟଙ୍କାର ଘୋଟାଲା : ନଗର କଂଗ୍ରେସ କୋଣାର୍କ ଏନ୍ ଏ ସି ସମ୍ମୁଖରେ କରିବ ଧାରଣା

କୋଣାର୍କ, (ପିଏନ) : କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉନ୍ନୟନମୂଳକ କାର୍ଯ୍ୟରେ କୋଟି କୋଟି ଟଙ୍କାର ହେରାଫେରି ହୋଇଥିବା ଅଭିଯୋଗ ହୋଇଛି । ଗତ ସାଧାରଣ ନିର୍ବାଚ଼ନ ପୂର୍ବରୁ ତରବରିଆ ଭାବରେ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାକୁ କୋଟି କୋଟି ଟଙ୍କାର ଏକାଧିକ କାମ ଦିଆଯାଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଓ ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ମିଳିତଭାବେ ଅର୍ଥ ହରିଲୁଟ କରିଥିବା ଏନ୍‌ଏସିର ୫ନମ୍ବର ୱାର୍ଡ କାଉନସିଲର ଇଂ ନିହାର ରଂଜନ ବେଉରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । କାଉନସିଲର ଶ୍ରୀ ବ ?ଉରାଙ୍କ ଅଭିଯୋଗରୁ ଜଣାପଡିଛି ଯେ, ଗତ ଜାନୁଆରୀ ମାସରେ ୩ଟି ପ୍ରବେଶ ପଥ ତୋରଣ ଲଗାଇବା ନିମନ୍ତେ ପ୍ରାୟ ଏକ କୋଟି ଟଙ୍କା, ଡିଜିଟାଲ ଏଲ୍‌ଇଡି ବିଜ୍ଞାପନ ବୋର୍ଡ ନିମନ୍ତେ ୯୭ ଲକ୍ଷ ଟଙ୍କା ଏବଂ ତ୍ରିରଙ୍ଗା ଫ୍ଲେକ୍ସିବୁଲ ଏଲ୍‌ଇଡି ଲାଇଟ୍ ନିମନ୍ତେ ପ୍ରାୟ ୧୫ଲକ୍ଷ ଟଙ୍କା କଲ୍ ନୋଟିସ୍ ମାଧ୍ୟମରେ ଅନୁଗୁଳର ଘରୋଇ ସଂସ୍ଥା ମେସର୍ସ ଷ୍ଟାର୍ ଇଣ୍ଡିଆକୁ ଦିଆଯାଇଥିଲା । ଏହି ସବୁ ନିର୍ମାଣ କାମରେ ବିଭାଗୀୟ ଯନ୍ତ୍ରୀଙ୍କୁ ଏଷ୍ଟିମେଟ୍ ଦାୟିତ୍ୱ ଦିଆ ନଯାଇ ଅନ୍ୟତ୍ର ପ୍ରସ୍ତୁତ ଏଷ୍ଟିମେଟରେ କୋଣାର୍କ ଏନ୍‌ଏସିରେ କିର୍ଯ୍ୟରତ ଯନ୍ତ୍ରୀ ଜଗଦୀଶ ନାୟକଙ୍କୁ ଦସ୍ତଖତ କରିବା ପାଇଁ ନିର୍ବାହୀ ବାଧ କରିଥିଲେ ବୋଲି ଅଭିଯୋଗ ହୋଇଛି । ଏପରି ବେଆଇନ କାର୍ଯ୍ୟକଳାପରେ ସଂପୃକ୍ତ ନହେବା ପାଇଁ ଯନ୍ତ୍ରୀ ଜଗଦୀଶ ନାୟକ ରୋକଠୋକ ମନା କରିଦେବାରୁ ବିଗତ ୬ ମାସଧରି ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ପରିଣାମସ୍ୱରୂପ ଯନ୍ତ୍ରୀ ଜଗଦୀଶ ନାୟକଙ୍କ ବିରୋଧରେ ନାନା ମିଥ୍ୟା ଅଭିଯୋଗ କରି ତାଙ୍କୁ ଅନ୍ୟତ୍ର ବଦଳି କରିବାରେ ସମର୍ଥ ହୋଇଛନ୍ତି ଏନ୍‌ଏସି ଅଧକ୍ଷା । ଭୁବନେଶ୍ୱର ପଟୁ କୋଣାର୍କ ଏନ୍‌ଏସିର ପ୍ରବ ?ଶ ପଥରେ ଗୁଣ୍ଡିଠାରେ ଲଗାଯାଇଥିବା ୟୁ-ପିଭିସି ଓ ଜିଆଇ ଆଙ୍ଗଲ ଗେଟ୍ ବାବତକୁ କୋଣାର୍କ ଏନ୍‌ଏସି ପକ୍ଷରୁ ନିର୍ମାଣକାରୀ ସଂସ୍ଥା ଷ୍ଟାର ଇଣ୍ଡିଆକୁ ୨୩ ଲକ୍ଷ ୪୩ ହଜାର ୪୬୮ଟଙ୍କା ପୈଠ କରାଯାଇଛି । କାକଟପୁର ରାସ୍ତାର କାକଟପୁର ବ୍ଲକ ଅନ୍ତର୍ଗତ ଚ଼ମ୍ପାହାର ମୌଜାଠାରେ ଆଉ ଗୋଟିଏ ଗେଟ୍ ମୂଳଦୁଆ ନିର୍ମାଣ ପରେ ନିର୍ବାହୀ ଅଧିକାରୀ ଅବଗତ ହେଲେ ଯେ, ଏହା କୋଣାର୍କ ଏନ୍‌ଏସି ଅଞ୍ଚଳ ପରିସରଭୁକ୍ତ ନୁହେଁ । ଏଣୁ ଗତ ୧ ତାରିଖରେ ସଂପୃକ୍ତ ନିର୍ମାଣକୁ ଛାଡ଼ି ୨୦୦ଫୁଟ୍ ଦୂରରେ ଆଉ ଏକ ମୂଳଦୁଆ ନିର୍ମାଣ କରି ୟୁ-ପିଭିସି ଗେଟ୍ ଲଗାଯାଇଛି । ଚ଼ନ୍ଦ୍ରଭାଗାଠାରେ ଛଅ ଥାକିଆ ରାଜପଥ ଉପରେ ଲାଗିବାକୁ ଥିବା ପ୍ରବ ?ଶ ପଥ ତୋରଣ କାମ ଏଯାବତ୍ ଆରମ୍ଭ ହୋଇନଥିବା ଜଣାଯାଇଛି । ଇତିପୂର୍ବରୁ ଚ଼ନ୍ଦ୍ରଭାଗା, ବସଷ୍ଟାଣ୍ଡ ଓ ମେଡିକାଲ୍ ଛକଠାରେ ୯୭ଲକ୍ଷ ଟଙ୍କା ବ୍ୟୟରେ ତିନୋଟି ଡିଜିଟାଲ ଏଲ୍‌ଇଡି ବିଜ୍ଞାପନ ବୋର୍ଡ ଗତ ସାଧାରଣ ନିର୍ବାଚ଼ନ ପୂର୍ବରୁ ଷ୍ଟାର ଇଣ୍ଡିଆ ଦ୍ୱାରା ଲଗାଯାଇଥିଲେ ମଧ ଏହି ପ୍ରକଳ୍ପରୁ ଏଯାବତ୍ ଟଙ୍କାଟିଏ ଆୟ ଦର୍ଶାଯାଇନାହିଁ । ଏଥିସହିତ ଚ଼ନ୍ଦ୍ରଭାଗାଠାରୁ କୋଣାର୍କ ମେଡିକାଲ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ପୋଲରେ ତ୍ରିରଙ୍ଗା ଫ୍ଲେକ୍ସିବୁଲ ଏଲ୍‌ଇଡି ଲାଇଟ୍ ଲଗାଯାଇଥିଲେ ମଧ ଗୋଟିଏ ସପ୍ତାହ କାର୍ଯ୍ୟକ୍ଷମ ରହିବା ପରେ ଏହି ପ୍ରକଳ୍ପ ଖରାପ ହୋଇଯାଇଛି । କିନ୍ତୁ ନିର୍ମାଣକାରୀ ସଂସ୍ଥାକୁ ଦେୟ ପୈଠରେ କୌଣସି ପ୍ରକାର ଅବହେଳା ପ୍ରଦର୍ଶନ କରିନାହାନ୍ତି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ । ନିର୍ବାହୀ ଅଧିକାରୀଙ୍କ ପରିବାର ସଦସ୍ୟ ସଂପୃକ୍ତ ଘରୋଇ ସଂସ୍ଥାକୁ କାମ ଦେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବିଭିନ୍ନ ମହଲରେ ଚ଼ର୍ଚ୍ଚାର ବିଷୟ ପାଲଟିଛି । ଖାଲି ଏତିକି ନୁହେଁ, ମୁକ୍ତା ଯୋଜନା, ସ୍ୱଚ୍ଛତା, ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କରି କୋଟି କୋଟି ଟଙ୍କା ନିର୍ବାହୀ ଅଧିକାରୀ ଶ୍ରୀମତୀ ଧଳ ଓ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ହଡପ କରିଥିବା କାଉନସିଲର ଇଂ ନିହାର ରଞ୍ଜନ ବ ?ଉରା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ଦେଇଛନ୍ତି । କାଉନସିଲର ଶ୍ରୀ ବ ?ଉରା ଏନ୍‌ଏସିରେ ହେଉଥିବା ବ୍ୟାପକ ଦୁର୍ନୀତିର ପର୍ଦ୍ଦାଫାଶ ନିମନ୍ତେ ପ୍ରଚେଷ୍ଟା କରିବାରୁ ତାଙ୍କୁ ଚ଼ଞ୍ଚକତା କରି ପରିଷଦ ବୈଠକରୁ ଦୂରରେ ରଖିଛନ୍ତି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ । କାଉନସିଲର ବ ?ଉରାଙ୍କୁ ପରିଷଦର ବୈଠକକୁ ଉଦ୍ଦେଶ୍ୟମୂଳକଭାବ ? ଡକାଯାଉ ନଥିବା ସେ ଅଭିଯୋଗ କରିଛନ୍ତି । କୋଣାର୍କ ଏନ୍‌ଏସି ମହାଘୋଟାଲାର ଭିଜିଲାନ୍ସ ତଦନ୍ତ କରାଯାଇ ଦୁର୍ନୀତିଗ୍ରସ୍ତ ନିର୍ବାହୀ ଅଧିକାରୀ ଓ ଅଧକ୍ଷାଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବାପାଇଁ କୋଣାର୍କ ନଗର କଂଗ୍ରେସ ପକ୍ଷରୁ ମଧ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନସଚ଼ିବ, ବିଭାଗୀୟ ସଚ଼ିବ ଓ ପୁରୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । ଖୁବଶୀଘ୍ର କଂଗ୍ରେସ ଦଳ ପକ୍ଷରୁ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ଦିଆଯିବା ସହିତ ରାଜରାସ୍ତାକୁ ଅବରୋଧ କରାଯିବ ବୋଲି କୋଣାର୍କ ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କୁମାର କାଣ୍ଡି ଗଣମାଧ୍ୟମକୁ ସୂଚ଼ନା ଦେଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray